

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 DECEMBER 2020

Vol.No. 30 ■ No. 319 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଜ୍ୟରେ ଅପହୃତ ଶିଶୁମାନଙ୍କୁ ଖୋଜିବା ନେଇ ଡିଜିପିଙ୍କୁ ଭେଟିଲା ବିଜେପି ପ୍ରତନିଧୀ ଦଳ

ଭୁବନେଶ୍ୱର,୧୬।୧୨ (ନି.ପ୍ର): ଚଳିତ ବର୍ଷ ଜୁଲାଇ ମାସରେ ନୟାଗଡ ଜିଲ୍ଲା ଯଦୁପୁର ଗାଁ ର ୫ ବର୍ଷର ନାବାଳିକା ଶିଶୁ ପରୀକୁ କିଛି ଦୁର୍ବୃତ ହତ୍ୟା କରି ତାର ଅଙ୍ଗ ତସ୍କରୀ କରିଛନ୍ତି । ପୋଲିସ ଶାସକ ଦଳ ଚାପରେ ଅପରାଧୀକୁ ଗିରଫ କରୁନାହିଁ । ମୁଖ୍ୟ ଅଭିଯୁକ୍ତକୁ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁ ସୁରକ୍ଷା ଯୋଗାଇ ଚାଲିଛନ୍ତି ।

▶▶ପୃଷ୍ଠା ୭

ଜେଲ ଫେରିଲେ ଆକାଶ ପାଠକ

ଭୁବନେଶ୍ୱର,୧୬।୧୨ (ନି.ପ୍ର): ଜେଲ୍ ଗଲେ ଆଇଏଫ୍ଏସ୍ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ। ଟାଟା ମୋଟର୍ସର ଠକେଇ ମାମଲାରେ ଆକାଶଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ କ୍ରାଇମ୍ ବ୍ରାଂଚ ପଚରାଉଚରା କରିବା ପରେ ପୁଣି ଜେଲ ପଠାଇ ଦିଆଯାଇଛି। ଜାଲିଆତି, ଠକେଇ, ଷଡ଼ଯନ୍ତ୍ର ମାମଲାରେ ଆକାଶଙ୍କୁ ପଚରାଉଚରା ପାଇଁ କାଇମ୍ବ୍ରାଂଚ ଗତ ୧୧ ତାରିଖରେ ଆକାଶଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍ ରୁ କଟକସ୍ଥିତ କାର୍ଯ୍ୟାଳୟକୁ ନେଇଥିଲା ।ଆକାଶଙ୍କ ବିରୋଧରେ ୪୧୯, ୪୨୦, ୪୬୮, ୪୭୧ ୫୦୬, ୩୪ ଆଇପିସି ଦଫା ଲାଗିଛି ।

'ପରୀ' ପୋଷାକରେ ସିମେନ୍ ଦାଗ : ଏସ୍ଆଇଟି

ନୟାଗଡ,୧୬।୧୨ (ନି.ପ୍ର): ନୟାଗଡ଼ର କୁନିଝିଅ 'ପରୀ' ଡ୍ରେସ୍‌ରେ ସିମେନ୍ ଦାଗ ଲାଗିଥିବା ଅଭିଯୋଗ ହୋଇଛି । 'ପରୀ' ହତ୍ୟା ମାମଲାକୁ ନେଇ ଆଜି ଏସ୍ଆଇଟି ପକ୍ଷରୁ ବନ୍ଦ ଲଫାପାରେ ଦାଖଲ ହୋଇଥିବା ରିପୋର୍ଟରେ ଏପରି ଚାଞ୍ଚଲ୍ୟକର ତଥ୍ୟ ଥିବା ସୂଚନା ମିଳିଛି। ଏପରିକି ପରୀକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ଜଣାପଡ଼ିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହତ୍ୟା ପୂର୍ବରୁ ପୀଡ଼ିତାର ଶରୀର ଉଲଗ୍ନ ଥିଲା । ସାଇଣ୍ଟିଫିକ ପରୀକ୍ଷଣରୁ ପୀଡ଼ିତା ପୋଷାକରୁ ସିମେନ୍‌ର ଦାଗ ମିଳିଥିଲା । ତେଣୁ ଏସ୍ଆଇଟି ପକ୍ଷରୁ ହାଇକୋର୍ଟରେ ଦାଖଲ ଷ୍ଟାଟସ୍ ରିପୋର୍ଟରେ ହତ୍ୟା ପୂର୍ବରୁ ଦୁଷ୍କର୍ମ କରାଯାଇଥିବା ସୂଚନା ମିଳିଛି । ସେହି ଗାଁର କେହି ଅଭିଯୁକ୍ତ ଏଭଳି କାଣ୍ଡ ଭିଆଇଥାଇପାରେ ବୋଲି କୁହାଯାଉଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଏସ୍ ?ଆଇଟି ତଦନ୍ତରୁ ଏସବୁ ଆସିଛି, ଅଭିଯୁକ୍ତକୁ ଗିରଫ କରାଯାଉ ନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ପରୀର ପରିବାର । ଏଥିସହ ହତ୍ୟା ପଛରେ ବାବୁଲି ନାୟକ ଓ ଅଙ୍ଗ ତସ୍କରୀ ରାକେଟ ଥିବା ଦୋହରାଇ ଏସ୍ ?ଆଇଟି ତଦନ୍ତରେ ଅଭିଯୁକ୍ତ ଧରା ନପଡ଼ିଲେ ମାମଲାର ତଦନ୍ତ ସିବିଆଇ କରୁ ବୋଲି ପରୀର ବାପା ଦାବି କରିଛନ୍ତି । ▶▶ପୃଷ୍ଠା ୭

ଫେସବୁକ୍ ଲାଇଭ୍ କରି ବିଦ୍ୟାଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ/ଭୁବନେଶ୍ୱର,୧୬।୧୨ (ନି.ପ୍ର): ସାମାଜିକ କର୍ମୀ ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ପତ୍ନୀ ବିଦ୍ୟାଶ୍ରୀ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ବିଦ୍ୟାଶ୍ରୀ କଟକ ସ୍ଥିତ ଘରେ ନିଦ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଫେସବୁକ୍ ଲାଇଭ୍ କରି ସୂଚନା ଦେଇଥିଲେ । ଗୁରୁତର ଅବସ୍ଥାରେ ବିଦ୍ୟାଶ୍ରୀଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି । ଆତ୍ମହତ୍ୟା ଉଦ୍ୟମ ପୂର୍ବରୁ ବିଦ୍ୟାଶ୍ରୀ ଫେସ୍‌ବୁକ୍ ଲାଇଭ୍ ରେ କହିଥିଲେ ଯେ ସେ ମାନସିକ ନିର୍ଯାତନା ସହିନପାରି ଆତ୍ମହତ୍ୟା କରିବା ପାଇଁ ନିଷ୍ପତି ନେଇଛନ୍ତି । ତେବେ ଅନେକ ଦିନ ହେଲା ମାନବପ୍ରେମୀ ଆଦିତ୍ୟଙ୍କ ମାମଲାରେ କୌଣସି ଅପରାଧୀ ଧରାପଡିନାହାନ୍ତି ଏହାସହ ବିଦ୍ୟାଶ୍ରୀଙ୍କୁ ଦୋଷାରୋପ କରାଯାଉଥିବା ନେଇ ସେ ଫେସବୁକ ଲାଇଭରେ କହିଥିଲେ । ଭିଡିଓରେ ଏକାଥରରେ ଗୁଡ଼ାଏ ନିଦ ବଟିକା ଖାଉଥିବାର ଦେଖିବାକୁ ମିଳିଛି ।

▶▶ପୃଷ୍ଠା ୭

ଇନ୍ଦୋର ଠାରେ ଅନୁଷ୍ଠିତ କୃଷି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆ କୃଷି ଆଇନ ଆଣି ଚାଷୀଙ୍କୁ ସବୁ ପ୍ରତିବନ୍ଧକରୁ ମୁକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୬।୧୨ (ନି.ପ୍ର): ମୋଦି ସରକାର ନୂଆ କୃଷି ଆଇନ ଆଣି ଦୀର୍ଘ ଦିନରୁ ଭାରତବର୍ଷର ଚାଷୀଙ୍କ ପାଇଁ ଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିଛନ୍ତି ବୋଲି ବୁଧବାର ଇନ୍ଦୋର ଠାରେ ନୂଆ କୃଷି ଆଇନ ସମର୍ଥନରେ ଅନୁଷ୍ଠିତ କୃଷି ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ମୋଦି ସରକାର ଥିବା ପର୍ଯ୍ୟନ୍ତ କୃଷି ଉତ୍ପାଦିତ ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ପୂର୍ବରୁ ଚାଷୀମାନେ ନିଜର ଉତ୍ପାଦିତ ସାମଗ୍ରୀକୁ ମଣ୍ଡି ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ବିକ୍ରି କରିପାରୁନଥିଲେ । ନିଜର ଉତ୍ପାଦିତ ଫସଲ ସାମଗ୍ରୀ ବିକ୍ରି କରିବା ପାଇଁ ନିଜର କ୍ଷତି ସତ୍ତ୍ୱେ ମଧ୍ୟସ୍ଥିବା ଦଲାଲି ମାନଙ୍କର ସାହାଯ୍ୟ ନେବାକୁ ପଡୁଥିଲା । ଫଳରେ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହ ନିଜ ଉତ୍ପାଦକୁ ବିକ୍ରି କରି ଉଚିତ୍ ମୂଲ୍ୟ ପାଇପାରୁନଥିଲେ । ଚାଷୀର ନିଜ ଜମି ମଧ୍ୟ ସୁରକ୍ଷିତ ନଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ନୂଆ କୃଷି ଆଇନ ଆଣି ଏ ସମସ୍ତ ପ୍ରତିବନ୍ଧକରୁ ଚାଷୀଙ୍କୁ ମୁକ୍ତି କରିଛନ୍ତି । ନୂଆ ଆଇନ ଫଳରେ ଚାଷୀମାନେ ନିଜର ମଣ୍ଡି ସମେତ ଦେଶର ଯେକୌଣସି ବଜାରରେ ନିଜର ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିପାରିବେ । ଆଇନରେ ଚାଷୀଙ୍କ ପାଇଁ ସଠିକ୍ ମୂଲ୍ୟ ନିଶ୍ଚିତ କରାଯାଇଛି । ଚାଷୀଙ୍କ ଜମି ସୁରକ୍ଷିତ ସହ ଜମିର ମାଲାକାନାରେ ସେହି ଚାଷୀର ହିଁ ରହିବାର ବ୍ୟବସ୍ଥା ମଧ୍ୟ ଆଇନରେ କରାଯାଇଛି । ଚାଷୀର ଏକ ଇଂଚି ଜମିକୁ ମଧ୍ୟ ଅନ୍ୟ କେହି ନେଇପାରିବେନି । ▶▶ପୃଷ୍ଠା ୭

କ୍ଷେପଣାସ୍ତ୍ର ପୃଥିବୀ-୨ର ରାତ୍ରକାଳୀନ ବ୍ୟବହାରିକ ପରୀକ୍ଷା ସଫଳ

ବାଲେଶ୍ୱର,୧୬।୧୨ (ନି.ପ୍ର): ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ପୃଥିବୀ-୨ର ରାତ୍ରକାଳୀନ ବ୍ୟବହାରିକ ପରୀକ୍ଷା ସଫଳ ହୋଇଛି। ଆଜି ସନ୍ଧ୍ୟା ୭ଟା ୦୨ ମିନିଟ୍‌ରେ ଚାନ୍ଦିପୁର ଆଇଟିଆର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଏହାର ପରୀକ୍ଷଣ କରାଯାଇଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୩୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ ଭେଦ କରିପାରିବାର କ୍ଷମତା ରହିଛି। ଏହାର ଏକ ହାଜର କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ଅଣୁ ଓ ପାରମାଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହାକୁ ଭାରତୀୟ ଷ୍ଟ୍ରାଟେଜିକ୍ କମାଣ୍ଡ ଫୋର୍ସର ସ୍ୱତନ୍ତ୍ର ଯବାନମାନେ ପରୀକ୍ଷା କରିଛନ୍ତି। ଯାହାର ଲମ୍ବ ୯ ମିଟର ରହିଥିବା ବେଳେ ବ୍ୟାସାର୍ଦ୍ଧ ୮.୫୬ ମିଟର ରହିଛି। ଏହାକୁ ଟାଟା କମ୍ପାନୀର ଏକ ମୋବାଇଲ୍ ଲଞ୍ଚ ଭେଇକିଲରୁ ପରୀକ୍ଷା କରାଯାଇଛି। କ୍ଷେପଣାସ୍ତ୍ର ପରୀକ୍ଷା ସମୟରେ ଚାନ୍ଦିପୁର ପରୀକ୍ଷଣ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। ଗତ ଅକ୍ଟୋବର ୧୬ ତାରିଖରେ ଏହି କ୍ଷେପଣାସ୍ତ୍ରର ରାତ୍ରକାଳୀନ ପରୀକ୍ଷା ସଫଳ ହୋଇଥିଲା ।

ହିଞ୍ଜିଳିରେ ନୂତନ ସିଭିଲ୍ ଜଜ୍ କୋର୍ଟ ବିଲ୍ଡିଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ

ନାଗରିକଙ୍କ ପାଇଁ ନ୍ୟାୟ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨ (ନି.ପ୍ର): ନାଗରିକମାନଙ୍କୁ ନ୍ୟାୟ ଦେବା ପାଇଁ ସାମ୍ବିଧାନିକ ଲକ୍ଷ୍ୟ ହାସଲ କରିବାକୁ ଆମ ସରକାର ଦୃଢ ପ୍ରତିବଦ୍ଧବୋଲି ହିଞ୍ଜିଳିକାଟୁରେ ସିଭିଲ୍ ଜଜ୍ କୁନିଅର ଡିଭିଜନ୍ ତଥା ଜେଏମଏଫସିର ନୂତନ କୋର୍ଟ ଭବନର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ବୁଧବାର ଦିନ ଭର୍ଚୁଆଲ୍ ପ୍ଲାଟଫର୍ମରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ ଓଡିଶା ହାଇକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ମିଳିତ ଭାବେ ଏହି କୋର୍ଟର ଉଦଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନ୍ୟାୟ ଏକ ମୌଳିକ ଅଧିକାର ଏବଂ ନ୍ୟାୟ ବିତରଣ ବ୍ୟବସ୍ଥାକୁ ମଜବୁତ କରିବାକୁ ତାଙ୍କ ସରକାର ପ୍ରତିବଦ୍ଧ। ଏହି ଅବସରରେ ଓଡିଶା ହାଇକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ହିଞ୍ଜିଳିକାଟରେ ନୂତନ କୋର୍ଟ ଭବନ ପାଇଁ ଜମି ଯୋଗାଇ ଦେଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଲଡିଂ ଅତ୍ୟନ୍ତ ଚମତ୍କାର, ଆକର୍ଷଣୀୟ ଏବଂ ନ୍ୟାୟ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସମସ୍ତ ଭିତିଭୂମି ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଏକ ପ୍ରଭାବଶାଳୀ ନ୍ୟାୟ ବ୍ୟବସ୍ଥା ପାଇଁ ଶୀଘ୍ର ସମାଧାନ ମହତ୍ୱପୂର୍ଣ ଅଟେ। କୋଭିଡ -୧୯ ମହାମାରୀ ସତ୍ତ୍ୱେ ଓଡିଶାର କୋର୍ଟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ▶▶ପୃଷ୍ଠା ୭

ପୁରୀ, ଯାଜପୁର ମେଡିକାଲ କଲେଜ ପାଇଁ ଅର୍ଥ ଦେଉଛି କେନ୍ଦ୍ର : ଲେଖାଶ୍ରୀ ସାମନ୍ତସିଂହାର

ଭୁବନେଶ୍ୱର,୧୬।୧୨ (ନି.ପ୍ର): ରାଜ୍ୟରେ ୭ଟି ନୂଆ ମେଡିକାଲ କଲେଜ ପାଇଁ କେନ୍ଦ୍ରସରକାର ୭୧୭ କୋଟି ଟଙ୍କା ଓଡିଶାକୁ ଦେଇ ସାରିଲେଣି । ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର, ବାରିପଦା, ବଲାଙ୍ଗୀର, କୋରାପୁଟ ଏବଂ ପୁରୀରେ ମେଡିକାଲ କଲେଜ ନିର୍ମାଣ ପାଇଁ ୫୬୭ କୋଟି ଟଙ୍କା ,ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ମେଡିକାଲ ପାଇଁ ୧୦୦ କୋଟି ଟଙ୍କା ଏବଂ ତୃତୀୟ ପର୍ଯ୍ୟାୟରେ କଳାହାଣ୍ଡି ମେଡିକାଲ ପାଇଁ ୫୦ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାର ୬୦ ଭାଗ ଅର୍ଥ ପ୍ରଦାନ କରିସାରିଥିବାବେଳେ ରାଜ୍ୟସରକାର ତାଙ୍କ ୪୦ ପ୍ରତିଶତ ଭାଗରୁ କେତେ ଅର୍ଥ ଦେଇଛନ୍ତି ତାହା କାହିଁକି ସ୍ପଷ୍ଟ କରୁନାହାଁନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଡ.ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟରେ ମେଡିକାଲ କଲେଜ ସ୍ଥାପନା କରିବାର ନିଷ୍ପତି ରାଜ୍ୟସରକାର ▶▶ପୃଷ୍ଠା ୭

ଗୋଟିଏ ଦିନରେ ୪୦୭ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୪୩୮୯

ଭୁବନେଶ୍ୱର,୧୬।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୪୭୯୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୧୯୮୫୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୭୩ ରହିଛି । ଆଜି ଚିହ୍ନଟ ହୋଇଥିବା ୪୦୭ ଜଣଙ୍କ ମଧ୍ୟରୁ ୨୩୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୬୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୬୦ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୪ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୨୦ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୧ ଜଣ, କଟକରୁ ୨୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ ୬ ଜଣ, ଗଞ୍ଜାମରୁ ୭ ଜଣ, ଜଗତ୍‌ସିଂହପୁରରୁ ୬ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳର ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୯ ଜଣ, କେନ୍ଦୁଝରରୁ ୬ ଜଣ, ଖୋର୍ଦ୍ଧାରୁ ୪୬ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରିରୁ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୪ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୮ ଜଣ ଚିହ୍ନଟ ହୋଇଥିବାବେଳେ , ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ସମ୍ବଲପୁରରୁ ୧୫ ଜଣ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି ।

କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୧୭ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୬।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୧୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୯୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ଧାନକିଣା ଖିଲାପ ପାଇଁ ସମିତି ସମ୍ପାଦକ ନିଲମ୍ବିତ

ବାଲେଶ୍ୱର,୧୬।୧୨ (ନି.ପ୍ର): ଧାନ କିଣାରେ ଖିଲାପ ଅଭିଯୋଗରେ ସିମୁଳିଆ ବ୍ଲକ ଅନ୍ତର୍ଗତ ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ଲିଃ.ର ସମ୍ପାଦକ ରବିନାରାୟଣ ବାରିକଙ୍କୁ ବୁଧବାର ଦିନ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଚାଷୀମାନଙ୍କର ଟୋକନ ଥିଲେ ମଧ୍ୟ ଚଣ୍ଡିଘର କୃଷି ସମବାୟ ସମିତି ପକ୍ଷରୁ ଧାନ କିଣା ହୋଇପାରି ନ ଥିଲା । ଡିସେମ୍ବର ୨, ୪, ୭, ୯ ଓ ୧୧ତାରିଖ ଦିନ ଧାନ ବିକ୍ରି ପାଇଁ ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଥିଲା ସେମାନଙ୍କ ପାଖରୁ ଧାନ କିଣା ହୋଇ ନ ପାରିବା ଫଳରେ ୯୫ଜଣ ଚାଷୀ ନିର୍ଦ୍ଧାରିତ ଦିନରେ ସେମାନଙ୍କ ଧାନ ବିକ୍ରି କରିବାରୁ ବଂଚିତ ହୋଇଥିଲେ । ଏ ନେଇ ଚଣ୍ଡିଘର ସମବାୟ ସମିତି ସମ୍

ଗୁଣୁପୁର ବିଧାନସଭା ମଣ୍ଡଳୀର ସାଂଗଠନିକ ବୈଠକ

ଗୁଣପୁର ,୧୬।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁରରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ଓ ସାଂଗଠନିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ କଲ୍ୟାର ମଣ୍ଡପଠାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ନିର୍ବାଚନ ମଣ୍ଡଳୀର ୫ଟି ବ୍ଲକ ସମେତ ଗୋଟିଏ ମୁନିସିପାଲଟି ଓ ଗୋଟିଏ ଏନ୍‌ଏସିର କର୍ମୀ ଓ ନତୋ ଉପସ୍ଥିତ ଥିଲେ । ଏଥିରେ କଂଗ୍ରେସକୁ ନିର୍ବାଚନୀ ମଣ୍ଡଳୀରେ କିପରି ସୁଦୃଢ଼ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ପରିଷଦ ଉପନିର୍ବାଚନ, ପୌର ପରିଷଦ ନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦଳ ତୃଣମୂଳ ସ୍ତରକୁ ମଜବୁତ କରିବାପାଇଁ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରଭାରୀ ତଥା କଣ୍ଟାବାଞ୍ଜି ବିଧାୟକ ସନ୍ତୋଷି ସାଲୁଜା ଯୋଗ ଦେଇ ରାଜ୍ୟରେ ସରକାରଙ୍କ ଦୁର୍ନୀତି, ପିଲା ଚୋରି, ପିସି କାରବାର, ଜିଲ୍ଲାର ଜଣେ ମନ୍ତ୍ରୀ ରତ୍ନ ପଥର ଚୋରି ଓ ବ୍‌ଲାକ୍ ମାର୍କେଟିଂରେ ଜଡ଼ିତ ଥିବା ଓ ପରିକୁ ନ୍ୟାୟ ମିଳିନଥିବାରୁ ସରକାରଙ୍କୁ ବିଷୋଦଗାର କରିଥିଲେ । ଏସବୁ ବିଫଳତାକୁ ନେଇ ତୃଣମୂଳ ସ୍ତରରେ କର୍ମୀ ଓ ଲୋକଙ୍କୁ ସୁସଂଗଠିତ କରି କଂଗ୍ରେସ ସପକ୍ଷରେ ମତ ଦେବାକୁ ଆହ୍ୱାନ କରାଯିବ ବୋଲି ଶ୍ରୀ ସିଂହ କହିଥିଲେ । ଏହି ପରିପ୍ରେକ୍ଷୀରେ ଦୁଇ ଦିନିଆ ଗସ୍ତରେ ଅସିଥିବା ଶ୍ରୀ ସାଲୁଜା ରାୟଗଡ଼ା ଜିଲ୍ଲାର କଂଗ୍ରେସ ସଂଗଠନକୁ ଅଧିକ ମଜବୁତ କରି ଆଗାମୀ ନିର୍ବାଚନ ଗୁଡ଼ିକରେ ଗୁଣପୁର ଓ ରାୟଗଡ଼ା ମୁନିସିପାଲିଟି ସହ ଗୋଟିଏ ଏନ୍‌ଏସି ଏବଂ ୨୨ଟି ଜିଲ୍ଲା ପରିଷଦ ସହ ୩ଟି ବିଧାନସଭା ନିର୍ବାଚନରେ କଂଗ୍ରେସ ଯେପରି ସଫଳ ହେବ ସେ ଦିଗରେ ଯଥେଷ୍ଟ ଉଦ୍ୟମ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୁରପୁର ନିର୍ବାଚନ ମଣ୍ଡଳୀର ୫ଟି ବ୍ଲକ ଚନ୍ଦ୍ରପୁର, ରାମନାଗୁଡ଼ା, ଗୁଡ଼ାରୀ, ପଦ୍ମପୁର ଓ ଗୁଣପୁରର ସ୍ଥାନୀୟ ନେତା ଓ କର୍ମୀମାନଙ୍କୁ ନେଇ ଭିନ୍ନ ଭିନ୍ନ ସ୍ତରରେ ସାଂଗଠନିକ ସ୍ଥିତିକୁ ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ସାଧାରଣ ସଂପାଦକ ଶଙ୍କର୍ଷଣ ମଙ୍ଗରାଜ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ, ବରିଷ୍ଠ କଂଗ୍ରେସ ନେତା ରଘୁନାଥପାତ୍ର, ମୁନାନନ୍ଦ, ରାମନାଗୁଡ଼ା ବ୍ଲକ ସଭାପତି ଏସ୍. ଗର୍ଜନାପ୍ରସାଦ ରାଓ, ଚନ୍ଦ୍ରପୁର ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଷୋୟୀ, ଭୀମ ଜାଗରାଙ୍ଗ, ଗୁଡ଼ାରୀ ବ୍ଲକ ଅଧ୍ୟକ୍ଷା ଶାନ୍ତି ଜାଗାରାଡ଼ଙ୍ଗ, ଭାସ୍କର ଜାଗାରାଙ୍ଗ, ରଘୁନାଥ ପାଣିଗ୍ରାହୀ, ବାଲାଜି ସାହୁ, ପି. ରମେଶ ପଦ୍ମପୁରର ଚିରୀବୀ ଖାଡାଙ୍ଗ, ଏଏମ୍ ନାନାଜି, ଉପେନ୍ଦ୍ର ସାହୁ, ସବିତା ଗମାଙ୍ଗ, ଗୁଣପୁରର ଏସ୍. ଇାବା ପ୍ରସାଦ, ଭୋଳା ଗୌଡ଼, ଦିବସ ରାଇକା, ଶ୍ରୀକାନ୍ତ ବେହେରା, ତରଣୀ ଶତପଥୀ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମୀମାନେ ପୂର୍ବବିଭାଗ ଡାକବଙ୍ଗଳାଠାରେ ଶ୍ରୀ ସାଲୁଜାଙ୍କୁ ସ୍ୱାଗତ କରି ଏକ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସଭା ସ୍ଥଳକୁ ଯାଇଥିଲେ ।

ଶିକ୍ଷକ ପଦୋନ୍ନତି ତାଲିକା ବାତିଲ: ସଂଶୋଧନ ତାଲିକା ପାଇଁ ଶିକ୍ଷାବିଭାଗର ଦସ୍ତଖତ ଅଭିଯାନ

ବୌଦ୍ଧ,୧୬।୧୨ (ନି.ପ୍ର): ଦୀର୍ଘ ବର୍ଷ ପରେ ବୌଦ୍ଧ ଜିଲ୍ଲାରେ ଶିକ୍ଷକମାନଙ୍କ ପଦୋନ୍ନତି କରାଯାଇ ନୂଆ ଆଇନ୍ ଅନୁସାରେ ପଂଚମ (କ) ରୁ ଫଂଚମ (ଖ) କୁ ପଦୋନ୍ନତି ଦିଆ ଯାଇଥିଲା । ତାଲିକା ପ୍ରକାଶ ପାଇବା ପରେ ଭୁଲତ୍ରୁଟି ଦର୍ଶାଯାଇ ସଂଶୋଧନ କରିବା ପାଇଁ ଦାବୀଆପତି କରାଯାଇଥିଲା । ଏହାର ବିଚାର କରି ଶିକ୍ଷାବିଭାଗ ପକ୍ଷରୁ ଆଉ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଠାରୁ ଫର୍ମପୁରଣ କରି ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିବା ଜଣାପଡିଛି । ଗତ ଅକ୍ଟୋବର ମାସ ୧୫ତାରିଖରେ ଚିଠି ନଂ ୨୦୪୫ରେ ବୌଦ୍ଧଜିଲ୍ଲାରେ ବି.ଇ.ଡି. ତାଲିମପ୍ରାପ୍ତ ୨୪୦ଜଣଙ୍କୁ ପଦୋନ୍ନତି ଦିଆଯାଇଥିବା ବେଳେ ୨୩୯ ଜଣ ମେଟ୍ରିକ ସି.ଟି ଓ ଆଇ.ଏ. ସି.ଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି । ଉକ୍ତ ତାଲିକାରେ ସଂପୃକ୍ତ ଅଧିକାରୀଙ୍କ ଖାମଖିଆଲି ନୀତିଯୋଗୁଁ ତାଲିକା ଭୁଲ ପ୍ରସ୍ତୁତ କରାଯାଇଥିବା ଦେଖାଦେଇଛି । ଏସ.ସି. ତାଲିକା ଅନ୍ତର୍ଭୁକ୍ତ ଶିକ୍ଷକ ସଂଜୟ କୁମାର ତନ୍ତି, ପରୀକ୍ଷ ସିଂ ଓ ମନ୍ଦକିନୀ ବାରିକଙ୍କ ନାମ ସାଧାରଣ ବର୍ଗରେ ଏବଂ ପ୍ରମୋଦ କୁମାର ମିଶ୍ରଙ୍କୁ ଏସ୍.ଟି. ଓ ମମତା ପଣ୍ଡାଙ୍କୁ ଏସ୍.ସି. ତାଲିକାରେ ତାଲିକାଭୁକ୍ତ କରାଯାଇଛି । ତାଲିକାରେ ଜ୍ୟୋସ୍ନାରାଣୀ ମିଶ୍ରଙ୍କ ନାମ ଦୁଇଥର ସ୍ଥାନ ପାଇଛି ଜିଲ୍ଲା ବାହାରକୁ ବଦଳି ହୋଇଯାଇଥିବା ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ତାଲିକାଭୁକ୍ତ କରାଯାଇଛି । ପୂର୍ବରୁ ପଦୋନ୍ନତିକୁ ପ୍ରତ୍ୟାଖ୍ୟାନ କରିଥିବା ଶିକ୍ଷକ ଏବଂ ଅଦାଲତରେ ମୋକଦ୍ଦମା ଚାଲିଥିବା ଶିକ୍ଷକଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି । ନିଖିଳ ଉତ୍କଳ ଶିକ୍ଷକ ଫେଡେରେସନର ବୌଦ୍ଧଜିଲ୍ଲା ଶାଖା ପକ୍ଷରୁ ଶିକ୍ଷାବିଭାଗର ବୌଦ୍ଧବ୍ଲକ ଗେଷ୍ଟି ଶୀକ୍ଷା ଅଧିକାରୀଙ୍କ ଚିଠି ନଂ ୩୩୯୩ ତା.୧୧.୧୨.୨୦୨୦ ରିଖରେ ଆସିଥିବା ଚିଠିକୁ ପ୍ରତିବାଦ କରିବା ସହିତ ଖାଲିଥିବା ଲେବେଲ ୪ ପଦବୀକୁ ନିର୍ଭୁଲ ଭାବେ ପଦୋନ୍ନତି ପାଇଁ ତାଲିକା ପ୍ରସ୍ତୁତ କରିବା ସହିତ କାଉନସେଲିଂ କରି ପ୍ରଧାନ ଶିକ୍ଷକ ନିଯୁକ୍ତ ଦେବାପାଇଁ ଦାବୀ ଜଣାଇଛନ୍ତି । ପ୍ରତିନିଧି ମଣ୍ଡଳରେ ଶ୍ରୀନିବାସ ମିଶ୍ର, ଦିଲ୍ଲୀପ କୁମାର ପ୍ରଧାନ, ବିନାୟକ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ଯଜ୍ଞେଶ୍ୱର ମିଶ୍ର ଓ ପଙ୍କଜିନୀ ବିଶ୍ୱାଳ ପତ୍ରମାଧ୍ୟମରେ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦରା କୁଜୁରୁଙ୍କୁ ଓ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲାଙ୍କୁ ଦାବୀ ଜଣାଇଛନ୍ତି ।

ଫୁଲବାଣୀ ସମେତ କନ୍ଧମାଳର ବାଲିଗୁଡାରେ ଖୋଲିଲା ଧାନ ମଣ୍ଡି

କନ୍ଧମାଳ,୧୬।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷପାଇଁ ଖରିଫ ଧାସନ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ କରାଯାଇଛି । ଏହି ଉତ୍ସବରେ ଏ.ଆର.ସି.ଏସ ଜ୍ୟୋର୍ତିମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଧାନ ମଣ୍ଡିକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଭାବରେ ଅତିରିକ୍ତ ଯୋଗାଣ ଅଧିକାରୀଣି ତିଲୋତମା ପ୍ରଧାନ,ଗଞ୍ଜୁଗୁଡା ଫଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସିମାଂଚଳ ଦିଗାଲ ପ୍ରମୁଖ ଯୋଗ ଦେଇ ଚାଷିମାନଙ୍କୁ ସେମାନଙ୍କର ଅମଳ କରିଥିବା ବଳକା ଧାନାକୁ ବିକ୍ରି କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଉଚିତ ମୁଲ୍ୟ ପାଇପାରିବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଚାଷିମାନଙ୍କୁ ସେମାନଙ୍କର ଧାନକୁ କୌଣସି ଅନ୍ୟ ବ୍ୟବସାୟୀଙ୍କୁ ବିକ୍ରି କରି ଠକେଇରେ ନ ପଡିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଫୁଲବାଣୀ ଲ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ପରିଚାଳନା କରିଥିଲେ । ସମଗ୍ର କନ୍ଧମାଳ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨୨ଟି ଧାନ ମଣ୍ଡିରେ ୩୩ ହଜାର ୯୪୫ କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ଅଂଚଳର ସୁଭ୍ରା ଲ୍ୟାମ୍ପସ ପକ୍ଷରୁ ଲଣ୍ଡାଗଁରେ ଏ.ଆର.ସି.ଏସ ଗଙ୍ଗାଧର କହଁରଙ୍କ ଉପସ୍ଥିତ ରହି ଉଦଘାଟନ ଉତ୍ସବକୁ ପରିଚାଳନା କରି ଚାଷିଙ୍କୁ ସେମାନଙ୍କ ବଳକା ଧାନ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ ।

ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା: ୨ ଦିନିଆ ଯୋଗ ଶିବିର ଉଦ୍‌ଯାପିତ

ଡେଲାଙ୍ଗ ,୧୬।୧୨ (ନି.ପ୍ର): ଡେଲାଙ୍ଗ ମହତାବ ହାଇ ସ୍କୁଲ ରେ ଅନୁଷ୍ଠିତ୨ଦିନିଆ ଯୋଗ ଶିବିରି ଆଜି ଉଦଯାପିତ ହୋଇଯାଇଛି । ଏଥିରେ ହିରୋ ମୋଟର୍ସ,ର ଏମଡି ବିପ୍ଲବ ନରେନ୍ଦ୍ରଙ୍କ ଅଧ୍ୟକ୍ଷତା ଦୁଇ ଦିନ ଧରି ଭିନ୍ନଭିନ୍ନ ପ୍ରଣାଳୀ ରେ ଯୋଗ ତାଲିମ ପ୍ରଦାନ କରିଥିଲେ । ଏହି ଉଦଯାପନୀ ଦିବସରେ ବରିଷ୍ଠ ନାଗରିକ ନିୟମ ପାଳନ କରି ଯୋଗଗୁରୁ ପ୍ରଭାତ କୁମାର ସାହୁ,ପ୍ରଦୀପ କୁମାର ଦଳାଇ ,ସସ୍ମିତା ରାଉତରାୟ, କେଶିରାମ ହେମ୍ବ୍ରମ, ଅଭିନାଶ ହରିଚନ୍ଦନ ଏବଂ ବଟକୃଷ୍ଣ ଜେନା ଶିବିରାର୍ଥୀ ମାନଙ୍କୁ ଦୁଇ ଦିନ ଧରି ଭିନ୍ନଭିନ୍ନ ପ୍ରଣାଳୀ ରେ ଯୋଗ ତାଲିମ ପ୍ରଦାନ କରିଥିଲେ । ଏହି ଉଦଯାପନୀ ଦିବସରେ ବରିଷ୍ଠ ନାଗରିକ ,ଶିକ୍ଷାବିତ୍ , କ୍ରିଡାବିତ୍, ଆଇନ୍‌ଜୀବୀ , ଯୋଗଗୁରୁଙ୍କ ସମେତ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ,ଦିଲ୍ଲୀପ ଧାଉଡିଆ, ସନ୍ତୋଷ ପଟ୍ଟନାୟକ, ଧୀରେନ୍ଦ୍ର ସେନାପତ. ଦୀପକ ମିଶ୍ର, ରଶ୍ମିରଜଂନ ପ୍ରଧାନ ,ଚିତରଜଂନ ଜେନା,ଦିବାକର ଷଡଙ୍ଗୀ,ବିଜୟ ମହାପାତ୍ର ଏବଂ ପ୍ରଦୀପ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହିତ ଡେଲାଙ୍ଗ ବୋଳକଣା ଗ୍ରାମର ବରିଷ୍ଠ ସାରସ୍ୱତ ସାଧକଙ୍କ ସ୍ୱଲିଖିତ ପୁସ୍ତକ ଟେଣ୍ଡେକା ଗୁଡାର ପ୍ରାଚୀନ ଶୈବପୀଠକୁ ଅତିଥିମାନଙ୍କ ଦ୍ୱରା ଲୋକାର୍ପିତ ହୋଇଥିଲା । ଯୁବ ଆଇନ ଜୀବୀ ହୃଷିକେଷ ପାଢୀ ଏକ ଅଁଳା ବୃକ୍ଷ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ଗୋପାଳ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଗାଧୋଇବାକୁ ଯାଇ ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

କନ୍ଧମାଳ,୧୬।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳର ବଇରିକୁଣ୍ଢା ଗ୍ରାମରେ ଥିବା ଘାଇରେ ଗାଧୋଇବାକୁ ଯାଇ ରବିବାର ଦିନ ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ମୃତ ଦେହକୁ ଆଜି ଫିରିଙ୍ଗିଆ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି । ସୂଚନା ଅନସାରେ ଗତ ରବିବାର ଦିନ ବଇରିକୁଣ୍ଢା ଗାଁର ସପ୍ତେଶ୍ୱର ଦିଗାଲ(୪୫) ତାଙ୍କର ଦୁଇ ବନ୍ଧୁଙ୍କ ସହିତ ବାଇରିକୁଣ୍ଢା ଘାଇକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଇବା ବେଳକୁ ସପ୍ତେଶ୍ୱର ଗଭୀର ଜଳକୁ ଚାଲିଯାଇଥିଲେ । ତାଙ୍କ ବନ୍ଧୁମାନେ ତାଙ୍କୁ ସେଠାରେ ଖୋଜିବାକୁ ଚେଷ୍ଟା କରି ତାଙ୍କୁ ନ ପାଇବାରୁ ଗାଁରେ ଆସି ଖବର ଦେଇଥିଲେ । ଗାଁ ଲୋକେ ଏବଂ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିବାପରେ ମଧ୍ୟ ତାଙ୍କୁ ନ ପାଇବାରୁ ୧୩ ତାରିଖରେ ଫିରିଙ୍ଗିଆ ଥାନାରେ ଖବର ଦେଇଥିଲେ । ଫିରିଙ୍ଗିଆ ଥାନା ପୋଲିସ ଏକ ନିଖୋଜ ମାମଲା ୧୬/୨୦୨୦ ରୁଜୁ କରିବା ସହିତ ଅଗ୍ନିଶମ ବିଭାଗ ସହାୟତାରେ ଘାଇରେ ଯାଇ ସପ୍ତେଶ୍ୱରକୁ ଖୋଜିବା ଜାରୀ ରଖିଥିଲା । ଆଜି ସପ୍ତେଶ୍ୱରର ଶବକୁ ଘାଇ ଭିତରୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରିଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ । ଫିରିଙ୍ଗିଆ ଥାନା ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି ।

ବିଳମ୍ବିତ ରାତିରେ ଡକାୟତିମାନେ ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟିନେଲେ

ଡେଲାଙ୍ଗ,୧୬।୧୨ (ନି.ପ୍ର): ଡେଲାଙ୍ଗ ବ୍ଲକ ସାଉରିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦେବାଶିଷ ଚମ୍ପତି ଘରେ ଡକାୟତିମାନେ ପଶି ନଗଦ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରୀ ହୋରିଥିବା ଡେଲାଙ୍ଗ ହାଟ ଫାଣ୍ଡରେ ଅଭିଯୋଗ ହୋଇଛି । ଅଭିଯୋଗ ରେ ଦର୍ଶାଯାଇଛି ଯେ ଆମ୍ଭେ ଶୋଇଥିବା ଅବସ୍ଥାରେ ଦୃର୍ବୃତ ମାନେ ବିଳମ୍ବିତ ରାତିରେ ଘରେ ପଶି ସର୍ବୋଶ ଲୁଟି ନେଇଛନ୍ତି , ଚୋରୀ ହୋଇଥିବା ସୁନା ଅଳଙ୍କାର ରେ ୩୭ଟି ମୁଦି, ୪ଟା ଚେନ୍,ହାର ୧ଟା,ଅଣ୍ଟାସୂତା ୨ହଳ,ଖଡୁ ୧ହଳ,ମଙ୍ଗଳ ସୂତ୍ର ୨ଟା ଲକେଟ୍ ୪ଟା,କାନଫୁଲ ୫ହଳ, ପଲା ୬ପଟ,ସହ ରୁପାର ପାଉଁଜି ୨ହଳ,ରୁପା ଗୀନା ୧ଟା ସହିତ ୧ଲକ୍ଷ ୫୨ ହଜାର ଟଙ୍କା ସମେତ ଜମିପଟ୍ଟା,ଆଧାରକାର୍ଡ ,ରେସନ କାର୍ଡ,ବ୍ୟାଙ୍କ ପାସ୍ ବୁକ, ଭୋଟ ପରିଚୟ ପତ୍ର ଚୋରୀ ଯାଇଛି । ଭୋର ସମୟରେ ଦେବାଶିଷ ଝାଡା ବସିବାକୁ କବାଟ ଖୋଲନ୍ତି ,କବାଟ ଖୋଲିଲା ନାହିଁ ,ସେ ପଡୋଶୀଙ୍କୁ ଫୋନ କରିବାରୁ ସେମାନେ ଲିସୁଣିରେ ଚଢି ଘର ଭିତରେ ପଶି କବାଟ ଖୋଲିଥିଲେ । ତାପରେ ସେ ଦେଖନ୍ତି ଡକାୟତିମାନେ ଘରେ ସବୁ କଳାକନା ବୁଲେଇ ଦେଇଛନ୍ତି । ଏ ନେଇ ଡେଲାଙ୍ଗ ପୋଲିସ ପକ୍ଷରୁ ଏକ ମାମଲା ରୁଜ କରାଯାଇ ସାଇଣ୍ଟିଫକ୍ ସହାୟତାରେ ତଦନ୍ତ ଜାରୀ ରହିଛି ।

ମେଡିକାଲ କଲେଜ ପ୍ରତିଷ୍ଠା ନହେଲେ ବିଧାନସଭା ଘେରିବ ଭଦ୍ରକ କଂଗ୍ରେସ

ଭଦ୍ରକ,୧୬।୧୨ (ନି.ପ୍ର): ଗତ ୧୦ ତାରିଖ ଗୁରୁବାର କଂଗ୍ରେସ ଦଳ ତରଫରୁ ଭଦ୍ରକ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର ପାଇଁ ଭଦ୍ରକ ସହର ବନ୍ଦ ଡାକରା ଦିଆଯାଇଥିଲା । ଯାହାକୁ ସମସ୍ତ ମହଲରେ ବିପୁଳ ସମର୍ଥନ ମିଳିଥିଲା । ଯାହାକୁ ଓଡ଼ିଶା ରାଜ୍ୟ ସରକାର ଭୃକ୍ଷେପ ନକରି ଯାଜପୁର ଓ ପୁରୀରେ ମେଡିକାଲ କଲେଜ ପାଇଁ କ୍ୟାବିନେଟ ମଞ୍ଜୁର ଦେଇ ଅର୍ଥ ମଞ୍ଜୁର କଲେ । ଯାହା ଭଦ୍ରକର ଜନସାଧାରଣଙ୍କ ଭାବାବେଗକୁ କୁଠାରାଘାତ କରିଛି । ବୋଲି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହା ଯାଇଛି । ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଚୂପ୍ କାହିଁକି ବୋଲି ପ୍ରଶ୍ନ କରାଯାଇଛି । କଂଗ୍ରେସ ଦଳ ଏକ ଦାୟିତ୍ୱ ସମ୍ପୂର୍ଣ୍ଣ ବିରୋଧୀ ଦଳ ଭାବରେ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଂଚାଇବା ପାଇଁ ଉଦ୍ୟମ ଜାରି ରଖିଛି ଏବଂ ମେଡିକାଲ କଲେଜ ପ୍ରତିଷ୍ଠା ଓ ସ୍ୱାସ୍ଥ୍ୟ ସେବାର ସୁଧାର ନହେବା ପର୍ଯ୍ୟନ୍ତ କଂଗ୍ରେସ ଆନ୍ଦୋଳନକୁ ଥମିବାକୁ ଦେବନାହିଁ । କୁଚକ୍ରି ଗୋଷ୍ଠୀମାନଙ୍କ ଚାପ, ପ୍ରଲୋଭନ ଓ ଭୟରେ ଡରି ନଯାଇ ଦଳୀୟ ନିର୍ବାଚନ ମଣ୍ଡଳୀ ନେତାମାନଙ୍କ ନେତୃତ୍ୱରେ ଜାନୁଆରୀ ମାସ ଶେଷ ସୁଦ୍ଧା ଭଦ୍ରକ ଜିଲ୍ଲାରେ ଥିବା ୫୦ଗୋଟି ପିଏଚ୍‌ସି, ୭ଗୋଟି ସିଏଚ୍‌ସି, ଗୋଟିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଏରିଆ ହସ୍‌ପିଟାଲ, ଗୋଟିଏ ୟୁପିଏଚ୍‌ସି ଓ ଗୋଟିଏ ପିପିସି ସର୍ବମୋଟ ୬୩ଟି ସ୍ୱାସ୍ଥ୍ୟ ସଂସ୍ଥା ଆଗରେ କଂଗ୍ରେସ ପକ୍ଷରୁ ଏକା ସାଙ୍ଗରେ ଗଣଧରଣା ଓ ପ୍ରତିବାଦ ସଭା କରାଯିବ । ସମଗ୍ର ଜିଲ୍ଲାର ୫ ଗୋଟି ବିଧାନସଭା କ୍ଷେତ୍ରରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ସ୍ୱାସ୍ଥ୍ୟ ସେବା ସୁଧାର ପାଇଁ "ସ୍ୱାସ୍ଥ୍ୟରଥ"ପରିକ୍ରମା କରାଯିବ । ଜିଲ୍ଲାର ସମଗ୍ର ୧୩୭୦ ରାଜସ୍ୱ ଗ୍ରାମରେ କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ଦ୍ୱାର ଦ୍ୱାର ବୁଲି ସ୍ୱାକ୍ଷର ଅଭିଯାନ କରି ରାଜ୍ୟର ସମସ୍ତ ୯ ଜଣ କଂଗ୍ରେସ ବିଧାୟକ ଓ ପ୍ରଦେଶ କଂଗ୍ରେସ ସଭାପତି, ଓଡ଼ିଶା ପ୍ରଭାରୀ ଡ. ଚେଲ୍ଲା କୁମାରଙ୍କ ସହିତ ମିଶି ମହାମହିମ ରାଷ୍ଟ୍ରପତି ଓ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ଜିଲ୍ଲା ସଭାପତି ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି । ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତି କହିଥିଲେ ଯେ ଭଦ୍ରକ ଜିଲ୍ଲା ୧୬ ନଂ ଜାତୀୟ ରାଜପଥ କଡରେ ଅବସ୍ଥିତ । ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା କେଉଁଝର, ଯାଜପୁର, କେନ୍ଦ୍ରାପଡା ଏବଂ ବାଲେଶ୍ୱର । ଭଦ୍ରକ ଜିଲ୍ଲାର ୧୬ ଲକ୍ଷ ଅଧିବାସୀ ଏବଂ ପଡୋଶୀ ଜିଲ୍ଲା କେଉଁଝରର ଆନନ୍ଦପୁର ପର୍ଯ

ଓଷ୍ଟର ଫିଟ୍‌ନେସ୍

ଶୀତ ପ୍ରଭାବରେ ବାୟୁମଣ୍ଡଳର ତାପମାତ୍ରା ଯେତିକି କମୁଛି, ପାଣିପାଗ ପରିବର୍ତ୍ତନର ସେତିକି ପ୍ରଭାବ ଶରୀର ଉପରେ ମଧ୍ୟ ପଡୁଛି । ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...

♦ ଶୀତଦିନେ ଅନେକେ କମ୍ ପାଣି ପିଇଥାନ୍ତି । ଫଳରେ ସେମାନଙ୍କଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ, ହାତ, ଓଠ ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ । କେତେକଙ୍କଠାରେ ଶିରାପ୍ରଶିରା ସଙ୍କୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ । ଏସବୁକୁ ଏଡାଇବା ଲାଗି ଉଷୁମ ଆହାର ଗ୍ରହଣ କରନ୍ତୁ । ସବୁ ପ୍ରକାର ସିଜନାଲ ପନିପରିବା, ଶାଗ ଏବଂ ଫଳକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ । ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ । ଦେହରେ ତେଲ ଏବଂ ମଶ୍ଚରାଇଜର ବ୍ୟବହାର କରିବା ବି ଗୁରୁତ୍ୱପୂର୍ଣ୍ଣ ।

♦ ଶୀତରେ ସକାଳୁ ବ୍ଲାଙ୍କେଟ୍ ଭିତରୁ ବାହାରିବା ଏବଂ ଉଠିବା ପରେ ଥଣ୍ଡାରେ ଏକ୍ସରସାଇଜ୍ କରିବାକୁ ଅନେକଙ୍କୁ ଇଚ୍ଛା ହୋଇ ନଥାଏ । ତେଣୁ ଶାରୀରିକ ବ୍ୟାୟାମ ଅଭାବରୁ ମଧ୍ୟ ଏଦିନେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ତେଣୁ ଯେଉଁମାନେ ପୂର୍ବରୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ଅଭ୍ୟାସ ରଖିଥାନ୍ତି ସେମାନେ ଆଳସ୍ୟ ଯୋଗୁ ଶୀତରେ ଆଦୌ ଏସବୁ ବନ୍ଦ କରିବା ଠିକ୍ ନୁହେଁ ।

♦ ଥଣ୍ଡା ଥଣ୍ଡା ପାଗରେ ଗରମ ଗରମ ଚଟପଟା ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଆଦି ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଯାଏ । ହେଲେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନଥାଏ ଏବଂ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ । ଶୀତରେ ଫିଟ୍‌ନେସ୍ ବଜାୟ ରଖିବା ଲାଗି ଏଭଳି ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ସୁଷମ ଆହାର ଗହଣ କରନ୍ତୁ । ବିଶେଷକରି ପ୍ରୋଟିନ୍, ଆଇରନ୍ ,ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହ ଋତୁଭିତ୍ତିକ ସବୁଜ ପନିପରିବା, ଫଳ, ଶାଗ ଏବଂ ଗାଈଘିଅକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

♦ ଥଣ୍ଡା ପବନ ବାଜି ଏଦିନେ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦେଖାଯାଇଥାଏ । ତେଣୁ ଏହାକୁ ଏଡାଇବା ଲାଗି ପ୍ରଚୁର ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତା' ଛଡା କାଶ ହେଲେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ । ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ । ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ । ଏସବୁ ବ୍ୟତୀତ ବାହାରକୁ ଯିବା ସମୟରେ ଯେପରି ଥଣ୍ଡା ପବନ ଶରୀରରେ ନ ଲାଗେ ସେଥିପାଇଁ ଭଲ ଭାବେ ଶୀତବସ୍ତ୍ର, କ୍ୟାପ୍, ସକ୍ସ, ଗ୍ଲୋବ୍ସ ଆଦି ପିନ୍ଧିବା ଆବଶ୍ୟକ ।

♦ ଅଧିକ କୁହୁଡି ହୋଇଥାଏ । ଫଳରେ ବାୟୁମଣ୍ଡଳରେ କୁହୁଡି (ଫଗ୍) ସାଙ୍ଗରେ ଧୂଳିକଣା ବି କିଣି ରହିଥାଏ; ଯେଉଁଥିରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର୍, ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ । ଏହା ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇ ହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ । ତେଣୁ ଯଥା ସମ୍ଭବ କୁହୁଡି ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ । ଆବଶ୍ୟକ ସ୍ଥଳେ ଫୁଲ୍ ଶୀତବସ୍ତ୍ର, ଫୁଲ୍ ଜୋତା, କ୍ୟାପ୍ ଆଦି ବ୍ୟବହାର କରନ୍ତୁ ।

♦ ଶୀତଦିନେ ଅଧିକାଂଶ ଯୁବତୀ ଯୁବକଙ୍କର କେଶ ଶୁଷ୍କ ହେବା, ରୁପି ହେବା ଏକ ବଡ ସମସ୍ୟା ପାଲଟେ । ଏହାକୁ ଦୂରକରିବା ଲାଗି କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମାଲିସ କରନ୍ତୁ । ଭିଟାମିନ୍ ବି୬, ଏ, ସି, ଇ ସହ ଜିଙ୍କ୍, ପୋଟାସିଅସ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ ।

କାର୍ ଡୋର୍ ସତର୍କ କରାଇବ

ଇଉରୋପୀୟ ଗବେଷକଦଳ ଉନ୍ନତମାନର କାର୍ ଡିଜାଇନ୍ କରିଛନ୍ତି । ଏହା ସହାୟତାରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ମିଳିବ । ଯେପରି କାର୍ ଡୋର୍ ଖୋଲି ଆପଣ ଲାଗିଥିବା ସେନ୍‌ସର୍ ସତର୍କ କରାଇବ । ପଛରୁ କେହି ଆସୁଥିଲେ, କାର୍ ଝରକା କାଚର ରଙ୍ଗ ପରିବର୍ତ୍ତନ ହେବା ସହ ବାରମ୍ବାର ସଙ୍କେତ ଦେବ । କୌଣସି ପ୍ରକାର କୀଟ କାର୍‌ରେ ଲଗିଲେ, ତାହା ମଧ୍ୟ ସେନ୍‌ସର୍ ସହାୟତାରେ ଯାତ୍ରୀ ଜାଣିପାରିବେ । ଏହା ସହ ୨୦୦ ମିଟର ବ୍ୟବଧାନରେ ଅନ୍ୟ ଗାଡି ଦ୍ରୁତ ବେଗରେ ଆସୁଥିଲେ, ସେ ବାବଦରେ ମଧ୍ୟ କାର୍‌ର ସେନ୍‌ସର୍ ସଙ୍କେତ ଦେଇଥାଏ । ନିକଟରେ ଜର୍ମାନୀରେ ଆୟୋଜିତ ଏକ ପ୍ରଦର୍ଶନୀୟ ଏହି ବିଶେଷ ଡିଜାଇନର୍ କାର୍ ପ୍ରଦର୍ଶିତ କରାଯାଇଥିଲା । ଖୁବ୍ ଶୀଘ୍ର ଏହି କାର୍ ବଜାର ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି ।

ପୁରୁଷ ବିହୀନ ଗାଁ

ଉତ୍ତର କେନ୍ୟାରେ ଥିବା ଉମୋଜା ଗ୍ରାମରେ ୩୦ ବର୍ଷହେବ କେହି ପୁରୁଷ ନାହାନ୍ତି । ସେଠାରେ ଥିବା ମହିଳା ଚାଷ କରିବା ସହିତ ଗ୍ରାମ ବାହାରକୁ ଯାଇ ଶସ୍ୟ ବିକ୍ରି କରି ଚଳିଥାନ୍ତି । ଏହାସହିତ ଗ୍ରାମର ସୁରକ୍ଷା କରିଥାନ୍ତି । ଏକ ସର୍ଭେ ଅନୁସାରେ, ୨୦୧୫ ମସିହାରେ ଗ୍ରାମର ମହିଳାଙ୍କ ସଂଖ୍ୟା ୪୭ ଥିଲା । ଏବେ ସଂଖ୍ୟା କ୍ରମଶଃ ବଢି ପ୍ରାୟ ଏକ ଶହ ଉପରକୁ ରହିଛି । ଏହି ଗ୍ରାମ ୧୯୯୦ ମସିହାରେ ଗଠିତ ହୋଇଥିଲା । ବଳାତ୍କାରର ଶିକାର ହୋଇଥିବା ୧୫ ଜଣ ମହିଳାମାନେ ମିଶି ଏହି ଗ୍ରାମ ଗଠନ କରିଥିଲେ । ଏହାପରେ ପୁରୁଷଙ୍କ ଦ୍ୱାରା ପ୍ରତାଡିତ ମହିଳା ଓ ଝିଅମାନେ ସେହି ଗ୍ରାମରେ ରହିବାକୁ ଲାଭିଲେ । ୧୬ ବର୍ଷ ବୟସ୍କଙ୍କଠାରୁ ଆରମ୍ଭ କରି ୮୦ ବର୍ଷ ବୟସ୍କ ମହିଳା ଏବେ ଗ୍ରାମରେ ରହୁଛନ୍ତି । ସେମାନେ ନିଜ ଗ୍ରାମରେ ପୁରୁଷଙ୍କୁ ନିଷେଧ କରିବା ସହିତ ଯେଉଁମାନେ ବିବାହ କିରବାକୁ ଚାହାନ୍ତି ସେମାନଙ୍କୁ ଗ୍ରାମରୁ ବହିଷ୍କାର କରିଥାନ୍ତି ।

ଶୀତ ଦିନରେ ତ୍ୱଚା ନିମନ୍ତେ ଦହି

■ ଏକ ଚାମୁଚ ଦହିରେ ଲେମ୍ବୁରସ ମିଶାଇ ଓଠରେ ଲଗାନ୍ତୁ । ଫାଟିବା କମ୍ ହେବ ଏବଂ ଓଠର କୋମଳତା ନଷ୍ଟ ହେବ ନାହିଁ ।

■ ଅଳ୍ପ ଦହିରେ ଏକ ଚାମଚ ବେସନ ମିଶାଇ ପେଷ୍ଟ ପରି କରନ୍ତୁ ଏବଂ ତାକୁ ଶରୀରରେ ଫାଟିଥିବା ସ୍ଥାନରେ ଲଗାନ୍ତୁ । ନିୟମିତ ଏପରି କଲେ ତ୍ୱଚା ଫାଟିବା ବନ୍ଦ ହେବ ।

■ ସାବୁନ ତ୍ୱଚାର ପ୍ରାକୃତିକ ତୈଳ ନଷ୍ଟ କରିଦିଏ । ତେଣୁ ଶୀତଦିନରେ ସାବୁନ ବ୍ୟବହାର କମ୍ କରନ୍ତୁ । ଦହି ଏହାର ସର୍ବୋତ୍ତମ ବିକଳ୍ପ । ଦେହରେ ଦହି ଲଗାଇ ସ୍ନାନ କରନ୍ତୁ । ତ୍ୱଚା ଶୁଖିଲା ଏବଂ ନିର୍ଜିବ ପରିବର୍ତ୍ତେ ଓ ଉଜ୍ଜ୍ୱଳ ଦେଖାଯିବ ।

■ ଶୀତ ଋତୁରେ ତ୍ୱଚାର ରଙ୍ଗ କଳା ପଡିବା ଏକ ସାଧାରଣ ସମସ୍ୟା । ଏକ ଚାମୁଚ ଦହିରେ ସେଓରସ ଫେଣ୍ଟି ମୁହଁରେ ଲଗାଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।

■ ୧ ଚାମୁଚ ଦହି, ୪ଟି ବାଦାମ ଓ ଦେଶୀ ଗୋଲାପ ପତ୍ରର ୧୦/୧୨ ଟୋପା ରସ ମିଶାଇ ମୁହଁରେ ଲଗାନ୍ତୁ ଏବଂ ଅଳ୍ପ ସମୟ ପାଇଁ ମାଲିସ କରନ୍ତୁ । ମୁହଁରେ ଥିବା ଦାଗ ଲିଭିଯିବ ।

■ ଦହି ସହିତ କମଳାଚୋପା ବଟା ମିଶାଇ ଲଗାଇଲେ ତ୍ୱଚା ନରମ ଓ ଉଜ୍ଜ୍ୱଳ ଦେଖାଯିବ ।

ଶୀତଦିନରେ ଓଠ ଫାଟିବା ଏକ ସାଧାରଣ କଥା । ଫଟା ଓଠ କେବଳ ମୁହଁର ସୌନ୍ଦର୍ଯ୍ୟହାନି କରେ ତା'ନୁହେଁ, ଏହା ଯନ୍ତ୍ରଣାଦାୟକ ମଧ୍ୟ । ଏହି ଋତୁରେ ତ୍ୱଚା ମଧ୍ୟ ଫାଟେ । ଏଥିରୁ ରକ୍ଷା ପାଇବା ପାଇଁ ଦହି ବ୍ୟବହାର କରାଯାଇ ପାରେ ।

ଫିଟ୍‌ନେସ୍ ଶାଗ ମୂଳା

ମୂଳା ପରିବାରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୂଳା ଶାଗ ଖାଇବା ହିତକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ । ଖୁବ୍ କମ୍ ସମୟରେ ପ୍ରସ୍ତୁତ ହୋଇପାରୁଥିବା ମୂଳା ଶାଗ କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ହୋଇଥିବାବେଳେ ହାଡ, ଗଣ୍ଠିକୁ ଶକ୍ତ କରିଥାଏ ।

♦ ତ୍ୱଚା ଉପରେ ଏହି ମୂଳା ଶାଗର ଉତ୍ତମ ପ୍ରଭାବ ପଡୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ବ୍ରଣ ସମସ୍ୟା ଉପୁଜୁଥିଲେ, ସପ୍ତାହକୁ ୨-୩ ଥର ମୂଳା ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

♦ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମୂଳା ଶାଗ ନିୟମିତ ଭୋଜନରେ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।

♦ ଶୀତଦୀନେ ଥଣ୍ଡା ଓ କାଶ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । ଶୀତଦିନେ ଏଇ ଶାଗ ନିଜ ଖାଦ୍ୟ ତାଲିକାରେ ସାମିଲ କଲେ ସର୍ଦି ରୋଗ ହୋଇନଥାଏ ବୋଲି ଅନୁନ୍ଧାନରୁ ଜଣାପଡିଛି ।

♦ ରକ୍ତଚାପ ରୋଗୀ ପ୍ରତ୍ୟହ ଏହି ଶାଗ ଖାଇଲେ ସେମାନଙ୍କ ଚାପ ସମସ୍ୟା ନିୟନ୍ତ୍ରଣ ହେଉଥିବାର ବିଶେଷଜ୍ଞଙ୍କ ମତ ।

ନିରାମିଷ କିମା

ଆବଶ୍ୟକ ସାମଗ୍ରୀ :

ଛୋଟ ଛୋଟ କଟା ହୋଇଥିବା ଫୁଲକୋବି ଗୋଟିଏ, ୭-୮ ଟି ବିନ୍, ୭-୮ଟି ଛତୁ, ଦୁଇଟି ଗାଜର, ଦୁଇଟି ଟମାଟୋ, ୨-୩ଟି କଂ*ାଲଙ୍କା ଏବଂ ଅଦା ଖଣ୍ଡେ ୧ କପ୍ ସିଝା ଗ୍ରୀନ୍ ମଟର, ମଧ୍ୟମ ଧରଣର ଏକ ପିଆଜ ସରୁସରୁ କଟା ହୋଇଥିବ, ରସୁଣ ପେଷ୍ଟ, ଗୋଟିଏ ଗୁଜରାତି, ଖଣ୍ଡେ ଡାଲଚିନି, ୧ ଚାମଚ ଧନିଆ ଗୁଣ୍ଡ, ୧ଚାମଚ ହଳଦି ଗୁଣ୍ଡ, ଅଧା ଚାମଚ ଲେଖାଏଁ ଗରମ ମସଲା ଗୁଣ୍ଡ, ଲଙ୍କା ଗୁଣ୍ଡ, ୨ ବଡ ଚାମଚ ରିଫାଇନ୍ ବା ସୂର୍ଯ୍ୟମୁଖୀ ତେଲ, ଦୁଇ କପ୍ ପାଣି, ସ୍ୱାଦାନୁସାରେ ଲୁଣ ।

ପ୍ରସ୍ତୁତି :

ଏକ ପାତ୍ରରେ ତେଲ ଗରମ କରନ୍ତୁ । ଏଥିରେ ପିଆଜ ପକାଇ ଭାଜିବା ସହ ଅଦା ରସୁଣ ପେଷ୍ଟ ପକାନ୍ତୁ ଏବଂ ସବୁ ମସଲା ଏଥିରେ ପକାଇ ହାଲ୍‌କା କଷିବେ । ଶେଷରେ ଟମାଟୋ ଓ ଗରମ ମସଲା ଗୁଣ୍ଡ ପକାଇବେ । କଷି ହୋଇଗଲେ ଗ୍ରୀନ୍ ମଟର ଛାଡି ଅନ୍ୟ ସବୁ କଟା ପରିବା ସେଥିରେ ପକାଇ ଟିକେ ଭାଜିବା ପରେ ଲୁଣ ଓ ପାଣି ଦେଇ ଘୋଡାଇଦେବେ । ପାଣି ଶୁଖିବା ପରେ ଏକ ପାତ୍ରକୁ ବାହାର କରି ସେଥିରେ ସିଝା ମଟର ମିଶାଇବା ସହ କଟା ଧନିଆପତ୍ର ପକାଇ ଦିଅନ୍ତୁ । ଏବେ ଗରମାଗରମ ପରିବା କିମା ପ୍ରସ୍ତୁତ ହୋଇଗଲା । ଏହାକୁ ରୁଟି, ପରଟା ନଚେତ ଭାତ ସହିତ ଖାଇହେବ ।

କିମା ପରି ଖାଦ୍ୟର ନାଁ ଶୁଣିଲେ ଏହା ନିଶ୍ଚୟ ଆମିଷ ହୋଇଥିବ ବୋଲି ଅନେକେ ଭାବିନିଅନ୍ତି । ହେଲେ ଯେଉଁମାନେ ନିରାମିଷାଶୀ, ସେମାନେ ମଧ୍ୟ କିମାର ମଜା ନେଇପାରିବେ । ନିରାମିଷ କିମା ପ୍ରସ୍ତୁତ କରିବା ଯେତିକି ସହଜ, ସେହିସରି ସୁସ୍ୱାଦୁ ଏବଂ ପୁଷ୍ଟିକର କହୋଇଥାଏ । ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !

ବିଶ୍ୱର ମହଙ୍ଗା ଚକୋଲେଟ୍

ଯଦି ଗୋଟିଏ ଚକୋଲେଟ୍‌ର ମୂଲ୍ୟ ୪୦୦ କିମ୍ବା ୫୦୦ ଟଙ୍କା, ତେବେ ଆମେ ଏହାକୁ ଦାମୀ ଚକୋଲେଟ୍ ଭାବେ ଗ୍ରହଣ କରୁ । ଭାରତୀୟ ବଜାରରେ ସର୍ବାଧିକ ୨ ହଜାରର ଟଙ୍କା ମୂଲ୍ୟର ଦାମୀ ଚକୋଲେଟ୍ ମିଳେ । ବିଦେଶୀ ରାଇଜରେ ବିଶେଷ ଅବସରରେ ନାମୀ ହୋଟେଲଗୁଡିକ ଲକ୍ଷାଧିକ ଟଙ୍କା ବ୍ୟୟରେ ଚକୋଲେଟ୍ ତିଆରି କରିଥାନ୍ତି । ବଡ ଦିନ, ନୂଆ ବର୍ଷ ଅବସରରେ ଇଉରୋପ, ଆମେରିକା ପଂଚାୟତକା ହୋଟେଲରେ ମହଙ୍ଗା ଚକୋଲେଟ୍ ତିଆରି ହୁଏ । ନିକଟରେ ପର୍ତ୍ତୁଗାଲର ଓବିଡୋସ୍‌ରେ ବିଶ୍ୱର ସବୁଠୁ ମହଙ୍ଗା ଚକୋଲେଟ୍ ତିଆରି ହୋଇଛି । ଏହି ଚକୋଲେଟ୍‌ର ମୂଲ୍ୟ ୬ ଲକ୍ଷ ୧୮ ହଜାରୀ ୪୦୦ ଟଙ୍କା । ଏହି ଚକୋଲେଟ୍‌କୁ ପ୍ରସ୍ତୁତ କରୁଥିବା ମୁଖ୍ୟ ରୋଷେୟାଙ୍କ ମତରେ ଏଥିରେ ସୁନାର ବ୍ୟବହାର କରାଯାଇଛି, ଯାହା ଖାଇଲେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡେନାହିଁ । ବିଶ୍ୱର ସବୁଠୁ ମହଙ୍ଗା ମସଲା ଏହି ଚକୋଲେଟ୍‌ରେ ବ୍ୟବହୃତ ହୋଇଥିବାବେଳେ ମାଡାଗାସ୍କାର ଦ୍ୱୀପରୁ ଆସିଥିବା ହ୍ୱାଇଟ୍ ଟ୍ରଫଲ୍, ଭେନିଲା ବ୍ୟବହୃତ ହୋଇଛି । ଅନ୍ୟତମ ରୋଚକ ତଥ୍ୟ ହେଉଛି, ଚକୋଲେଟ୍ ପାଇଁ ଦୁଇଜଣ ସୁରକ୍ଷାକର୍ମୀ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଗିନ୍‌ଜ୍ ବୁକ୍ ଅଫ୍ ୱାର୍ଲଡ୍ ଅଫ୍ ରେକର୍ଡସ୍‌ରେ ମଧ୍ୟ ଏହା ବିଶ୍ୱର ସବୁଠୁ ଦାମୀ ଚକୋଲେଟ୍ ଭାବେ ସ୍ଥାନ ପାଇଥିବାର ପ୍ରକାଶ ।

ସବୁଠୁ ଭୟଙ୍କର ବିଲେଇ...

ଏମିତି ଏକ ବିଲେଇ ସ୍ୱିଜରଲାଣ୍ଡରେ ଅଛି । ତାକୁ ୬ବର୍ଷ ବୟସ ହୋଇଥିବା ବେଳେ ଦେହରେ ଆଦୌ ଲୋମ ନଥିବାରୁ ସେ ଭୟଙ୍କର ଦେଖାଯାଏ । ବିଲେଇର ନାଁ ଜେର୍ଡାନ୍ । ତେବେ ସେ ଖୁବ୍ ଶାନ୍ତ ସ୍ୱଭାବର ବୋଲି ତା'ର ମାଲିକାଣୀ ସାଣ୍ଡ୍ରା ଫିଲିପି କହିଛନ୍ତି । ଅନେକେ ଏହି ବିଲେଇକୁ ଏଲିଅନ୍ ସହ ତୁଳନା କରୁଥିବାରୁ ସାଣ୍ଡ୍ରା ଏଥିରେ ବିରକ୍ତ ହୁଅନ୍ତି ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ପ୍ରୟାସ ଓ ଆପୋଷ ଲୋଡ଼ା...

କରୋନା ମହାମାରୀ ବିରୋଧରେ ସଂଗ୍ରାମ ପରେ ଯେଉଁ ପ୍ରସଙ୍ଗ ଏବେ ସମଗ୍ର ଦେଶକୁ ଆକ୍ରାନ୍ତ କରିଛି ତାହା ହେଉଛି କୃଷକମାନଙ୍କ ଆନ୍ଦୋଳନ । ସକଳ ପ୍ରକାର ପ୍ରୟାସ ଓ ଆପୋସ ଆଲୋଚନା ସତ୍ତ୍ୱେ ଏହା ଏପର୍ଯ୍ୟନ୍ତ ଅସମାହିତ ରହିଛି । କୃଷକମାନଙ୍କ ଏହି ଆନ୍ଦୋଳନ ରାଜଧାନୀ ଦିଲ୍ଲୀରେ ପଂଜାବ, ହରିଆନାର ହଜାର ହଜାର କୃଷକଙ୍କୁ ଏକତ୍ରୁଟ କରାଇଛି । ଦିଲ୍ଲୀର ବିଭିନ୍ନ ପ୍ରବେଶ ପଥରେ ସେମାନେ ଅଟକ ରହି ସପ୍ତାହ ସପ୍ତାହ ଧରି ଧାରଣାରେ ବସିଛନ୍ତି । ଏପର୍ଯ୍ୟନ୍ତ କୃଷକ ନେତାମାନଙ୍କର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଏବଂ ବାଣିଜ୍ୟ ତଥା ରେଳବାଇ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହିତ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇଛି । କିନ୍ତୁ ସେଥିରୁ କିଛି ହେଲେ ସୁଫଳ ମିଳିପାରିନାହିଁ । ସରକାରଙ୍କ ଦ୍ୱାରା ସକଳ ପ୍ରକାର ପ୍ରତିଶ୍ରୁତି ପ୍ରଦାନ ସତ୍ତ୍ୱେ ସଂକଟର ସମାଧାନ ହେଉନାହିଁ ଅଥବା ଆନ୍ଦୋଳନ ଥମୁନାହିଁ । ନୂତନ କୃଷି ଆଇନ କୃଷକମାନଙ୍କ ପାଇଁ ହିତକର ବୋଲି ସରକାର ନିର୍ଭର ପ୍ରତିଶ୍ରୁତି ଦେଉଥିବାବେଳେ ଏହା କର୍ପୋରେଟ ସଂସ୍ଥାକୁ ହିଁ ଲାଭବାନ କରାଇବ ବୋଲି ଆନ୍ଦୋଳନରତ କୃଷକ ସଂଘ ଅଭିଯୋଗ କରନ୍ତି । ଖୋଲା ମନରେ ସରକାରଙ୍କ ଆଲୋଚନା ପାଇଁ ଆହ୍ୱାନ ଓ କୃଷକ ପ୍ରତିନିଧିମାନଙ୍କ ସେଭଳି କଥାବାର୍ତ୍ତାରେ ସାମିଲ ହେବା ସୂଚିତ କରେ ଯେ, ଉଭୟପକ୍ଷ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ନିମନ୍ତେ ଆଗ୍ରହୀ । ଅନ୍ୟଥା ଆଲୋଚନା ପର୍ଯ୍ୟାୟକ୍ରମିକ ଭାବେ କଦାପି ଆଗକୁ ଆଗେଇ ପାରିନଥାନ୍ତା । କିନ୍ତୁ ପ୍ରତିଥର ଆଲୋଚନା ବିଫଳ ହେବାପରେ ଉଭୟପକ୍ଷ ପୁଣିଥରେ ମୂଳକୁ ଫେରିଯିବା ପରି ପ୍ରତୀୟମାନ ହୁଏ । କୃଷକମାନେ ଆନ୍ଦୋଳନ ଜାରି ରଖିବାକୁ ଆହୁରି ଦୃଢ଼ ସ୍ୱର ତୋଳିବା ବେଳେ, କୃଷି ଆଇନ କିଭଳି କୃଷକମାନଙ୍କ ଲାଗି ହିତକର ହୋଇଛି, ତାହାକୁ ସମର୍ଥନ କରି କିଛି ରାଜ୍ୟର କୃଷକ ପ୍ରତିନିଧି ମନ୍ତ୍ରୀମାନଙ୍କୁ ଭେଟୁଛନ୍ତି । ଉଭୟପକ୍ଷ ଏହା ସ୍ମରଣ ରଖିବା ଉଚିତ୍ ଯେ, ସମସ୍ୟାର ସମାଧାନ ସକାଶେ ପରସ୍ପରର ବିଶ୍ୱାସଭାଜନ ହେବା ଜରୁରି । ଯଦି ନିଜ ଜିଦ୍‌ରେ ଉଭୟପକ୍ଷ ଅଥବା କୌଣସି ଗୋଟିଏ ପକ୍ଷ ଅଟଳ ରହେ, ତେବେ ସେପରି ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଅଧିକ ଜଟିଳ ହୋଇପଡ଼ିବ । ଏହା ମଧ୍ୟ ସମାଧାନର ଏକ ବାସ୍ତବ ଦିଗ ଯେ, ପ୍ରତିପକ୍ଷଙ୍କୁ ସମାଧାନ ବିନ୍ଦୁରେ ପହଂଚିବାକୁ ହେଲେ ନିଜ ନିଜ ଜିଦରୁ କିଛି ପାଟିତୁଣ୍ଡ ଓହରିବାକୁ ପଡ଼ିବ । ଏକଥା ଆନ୍ଦୋଳନରତ କୃଷକ କିମ୍ବା ସରକାର କେତେ ମାତ୍ରାରେ କରିବାକୁ ଉଚ୍ଛୁକ ତାହା ଭିନ୍ନ କଥା । କିନ୍ତୁ, ଆଲୋଚନାକୁ ଜାରି ରଖିବା ସକାଶେ ଉଭୟପକ୍ଷ ସହମତ ହୁଏତ ତାହା ହିଁ ଏଥିରୁ କିଛି ସମାଧାନ ଉପାୟ ବାହାର କରିପାରିବ । ଇତିମଧ୍ୟରେ ଆନ୍ଦୋଳନ ଦିଲ୍ଲୀ ସମେତ ରାଜ୍ୟମାନଙ୍କୁ ମଧ୍ୟ ବ୍ୟାପିବାରେ ଲାଗିଛି । ପଂଚାବ ଓ ହରିଆନାରେ ଚାଷୀମାନେ ରାଜ୍ୟରେ ମଧ୍ୟ ଆନ୍ଦୋଳନ ଜାରି ରଖିଛନ୍ତି । ପଶ୍ଚିମ ଉତ୍ତରପ୍ରଦେଶ, ଗୁଜରାଟ ଓ ମହାରାଷ୍ଟ୍ରରେ ମଧ୍ୟ ତାହା ଦୃଶ୍ୟ ହୋଇଛି । କୃଷକଙ୍କ ଆନ୍ଦୋଳନ ଯେତିକି ବ୍ୟାପିବ, ତାହା କେବଳ ଦେଶବାସୀଙ୍କ ପାଇଁ ନୁହେଁ, ରାଷ୍ଟ୍ରର ମଧ୍ୟ ସେତିକି ଅନିଷ୍ଟ ସାଧନ କରିବ । ଏ କଥାରେ ଦ୍ୱିମତ ଥାଇନପାରେ ଯେ ଦେଶର କୃଷିକ୍ଷେତ୍ରରେ ବ୍ୟାପକ ସଂସ୍କାର ଆବଶ୍ୟକତା ରହିଛି । ଏହା କୃଷକଙ୍କୁ ଲାଭବାନ କରିବା ସହ ରାଷ୍ଟ୍ରକୁ ସମୃଦ୍ଧ କରିବ । ଅର୍ଥନୀତିକୁ ସୁଦୃଢ଼ କରିବ । ଯଦି କୃଷକମାନେ କୃଷିକ୍ଷେତ୍ରର ହିତ ପାଇଁ ଆଗ୍ରହୀ ଓ ସରକାର କୃଷକମାନଙ୍କ କଲ୍ୟାଣ ସକାଶେ ଚିନ୍ତିତ, ତେବେ ଏପରି ଏକ ମଧ୍ୟମ ପଥ ଆପଣାଯିବ ଆବଶ୍ୟକ, ଯଦ୍ୱାରା ସମାଧାନ ପନ୍ଥା ସହଜସାଧ୍ୟ ହୋଇପାରିବ । ଅବୁଝା କୃଷକଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ଓ ସେମାନଙ୍କ ଦାବିକୁ ଶୁଣିବା ଦାୟିତ୍ୱ ସରକାରଙ୍କର । ସେମାନଙ୍କୁ ବୁଝାଇବା ଦାୟିତ୍ୱ ମଧ୍ୟ ସରକାରଙ୍କର । ନୂତନ କୃଷି ଆଇନରେ ଥିବା ସଂସ୍କାରମୂଳକ ପଦକ୍ଷେପର ବାସ୍ତବତାକୁ ମଧ୍ୟ କୃଷକମାନେ ହୃଦୟଙ୍ଗମ କରିବା ଉଚିତ୍ । ଏହା ନୁହେଁ ଯେ, କୃଷକମାନଙ୍କୁ ତଳିତଳାନ୍ତ କରିବା ସକାଶେ ଏଭଳି ଆଇନ୍ ପ୍ରଣୀତ ହୋଇଛି । ବିଶ୍ୱର କୌଣସି ରାଷ୍ଟ୍ର ଅବା ସରକାର ତାହା କରିନଥାଏ । ସରକାରଙ୍କ ପ୍ରତିଶ୍ରୁତି ଲିଖିତ ଭାବେ ହେଉ ଅବା ମୌଖିକ ଭାବେ, କୃଷକମାନଙ୍କ ହିତ ପାଇଁ ହିଁ ଉଦ୍ଦିଷ୍ଟ । ତେଣୁ ଆନ୍ଦୋଳନରତ କୃଷକମାନେ ଅବୁଝା ହୋଇ ଜିଦ୍ ଧରି ବସିବା ଅନୁଚିତ୍ । ସର୍ବୋପରି ଏହି ପ୍ରସଙ୍ଗକୁ ରାଜନୀତିଠାରୁ ଦୂରେଇ ରଖାଯିବା ଏକାନ୍ତ କାମ୍ୟ । ଅନ୍ୟଥା ହାତୀ କୁସ୍ତିରେ ଘାସ ଦଳି ହୋଇଗଲା ପରି କୃଷକମାନେ ହିଁ ବଳି ପଡ଼ିଯିବେ । ତେଣୁ କୃଷକ ଯେତେ ଶୀଘ୍ର ଆନ୍ଦୋଳନ ଭାଙ୍ଗି କ୍ଷେତକୁ ଫେରିବେ ସେଥିରେ ସରକାରଙ୍କର, ଦେଶବାସୀଙ୍କର ଓ କୃଷକଙ୍କର ମଙ୍ଗଳ ।

କେବେ କିଏ ଦେଖାହୁଏ...

ରାହାସ କୁମାର ବେହେରା

ଜୀବନର ଅଙ୍କାବଙ୍କା ରାସ୍ତାରେ
କେବେ କିଏ ଦେଖାହୁଏ
ମନେରଖିବାଟା ନୁହେଁ ସହଜ,
ବେଳେବେଳେ ସେଇ ବାଟେ ସହସା
ଭେଟ ହୁଏ କେହି ଜଣେ
ଯାହାପାଇଁ ନାଚିଉଠେ ମଗଜ ।

ଭାବନାରେ ଲୁଚି ଲୁଚି ଆସି ସେ
ବଂଚିବାକୁ ଦିଏ ରାହା
ସପନରେ ରଙ୍ଗ ଢ଼ାଳେ ହଜାର,
ଭଲପାଇ ଚୋରି କରେ ନିଦକୁ
ସ୍ମୃତିରେ ମହକ ଭରି
ଗୋପନେ ଆବୋରି ଭାବେ ନିଜର ।

ତା' ଝଲକେ ପୀରତି ଉପବନେ
ପ୍ରଜାପତି ଡେଣା ଝାଡ଼ି
ଫୁଲରୁ ଫୁଲକୁ ଦିଏ ଚୁମ୍ବନ,
ଚୋରିକରି ରଙ୍ଗତୂଳି ଇନ୍ଦ୍ରଧନୁ
ଆଙ୍କିଦିଏ ଯଉବନେ
ମଧୁଝରେ ବାସି ଉଠେ ସୁମନ ।

ଆଶା ଓ ଆକାଂକ୍ଷା ଦୋଳି ଖେଳେ
ନିତି କୁଂଜେ ହୋଲି ଚାଲେ
ହୃଦୟେ ଜୁଆର ଆସେ ଅବେଳେ,
ଖୋଜିଚାଲେ ଶିହରଣେ ଏକାନ୍ତେ
ତିତୀର୍ଷାର ପ୍ରତୀକ୍ଷାରେ
କାଳି ପୁଣି ଭେଟିବାକୁ ସହଳେ ।

ଗିରିଷମ, ବରଷା, ଶୀତ, ବସନ୍ତେ
ନୂଆ ରୂପେ ଅନୁପମା
ମିଠା ମିଠା ଲାଗେ ତାଜା ନାୟିକା
ଲୁଚିଲୁଚି ଭାବନା ମୋ କାବୁକରେ
ସରମରେ ମରିଯାଇ
ହୃଦୟରେ ରହେ ସଦା ସାଇତା ।

ତିତିକ୍ଷାର ମନ ଲୋଭା ନଇଟିଏ
ଚାହାଣି ତା' ଭାଙ୍ଗେ କୂଳ
ମିଳନ ପିୟସୀ ଚାରୁ ଲତିକା,
ବିଷାଦର ଉପଶମେ ଝିଅଟି
ନିଜର ନିଜର ଲାଗେ
ନଦେଖିଲେ ଦିନେ ଦୁନିଆ ଫିକା ।

ବାଲ୍ୟମ୍ବା, ଭାପୁର
ଢ଼େଙ୍କାନାଳ-୭୫୯୦୧୫
ମୋ: ୯୪୩୮୧୧୪୩୬୮

ବିପିନ ବିହାରୀ ମହାନ୍ତି

ଓଡ଼ିଆ ଜାତିର ଅନନ୍ୟ ସାରଥୀ : ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ

ଓଡ଼ିଆ ଭାଷା, ଓଡ଼ିଆ ଜାତି ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଖାସ ମାହଲ ଏବଂ ଗଡ଼ଜାତ ଅଞ୍ଚଳରୁ ଯେଉଁ ରାଜାମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ । ସେ ଥିଲେ ଏକା ଧାରାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି, ଜଣେ ଦକ୍ଷ ପ୍ରଶାସକ ଏବଂ ସୁସାହିତ୍ୟିକ ।

ଶ୍ରୀ ଦେଓ ୧୭ ଡ଼ିସେମ୍ବର ୧୮୭୦ରେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୫ ଅଗଷ୍ଟ ୧୮୯୨ରେ ମାତ୍ର ୧୨ବର୍ଷରେ ସିଂହାସନ ଆରୋହଣ କରିଥିଲେ । ସେ ମୟୂରଭଞ୍ଜ ଗଡ଼ଜାତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ପ୍ରଜାମାନଙ୍କର ମଙ୍ଗଳ ନିମନ୍ତେ ଅନେକ କଲ୍ୟାଣକାରୀ କାର୍ଯ୍ୟମାନ ହାତକୁ ନେଇଥିଲେ । ଲୋକସେବାକୁ, ଜାତି ଓ ଭାଷା ପାଇଁ ଗୋପବନ୍ଧୁ ଥିଲେ ତାଙ୍କ ପାଇଁ ବନ୍ଧୁ, ଦାର୍ଶନିକ ଏପଂ ପ୍ରଥପ୍ରଦର୍ଶକ । ତାଙ୍କରି ଆଦର୍ଶରେ ସେ ନିଜକୁ ପରିଚାଳିତ କରୁଥିଲେ । ଭାଷା, ସ୍ୱାସ୍ଥ୍ୟ ଏବଂ ପ୍ରଶାସନ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟମାନ କରିଛନ୍ତି । ତାଙ୍କରି ଉଦ୍ୟମରେ କଟକଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ସ୍ଥାପିତ ହୋଇଛି । ତାଙ୍କରି ପ୍ରଚେଷ୍ଟାରେ ରୂପସାଠାରୁ ବାରିପଦା ଯାଏଁ ନାରୋଗଜ ରେଳପଥ ବିସ୍ତାର କରିଛି । କୃଷିର ଉନ୍ନତିକଳ୍ପେ ୬ଲକ୍ଷ ଟଙ୍କା ରାଜକୋଷ ତହବିଲରୁ ଖର୍ଚ୍ଚକରି ହଳଦିଆ ଓ ହଳଦିହ ଠାରେ ଦୁଇଟି ଜଳ ସଂରକ୍ଷଣ ବନ୍ଧ ତିଆରି କରିଛନ୍ତି ।

ଶିକ୍ଷାକ୍ଷେତ୍ରରେ ତାଙ୍କର ବଳିଷ୍ଠ ପଦକ୍ଷେପ ବେଶ ପ୍ରଶଂସନୀୟ । ପ୍ରାଥମିକ ଶିକ୍ଷାର ଉନ୍ନତିକଳ୍ପେ ସେ ତାଙ୍କ ରାଜ୍ୟରେ ଥିବା ୪୪ବିଦ୍ୟାଳୟ ରୁ ୪୦୦କୁ ବଢ଼ାଇ ଦେଇଥିଲେ ।

ଓଡ଼ିଶା ଭାଷା ଆନ୍ଦୋଳନର ସେ ଥିଲେ ମୁଖ୍ୟ ପୁରୋଧା । ଉତ୍କଳ ଗୌରବ ମଧୁସୂଦନଙ୍କର ବଳିଷ୍ଠ ନେତୃତ୍ୱରେ ସଂଗଠିତ ଭାଷା ଆନ୍ଦୋଳନରେ ସେ ଯୋଗ ଦେଇଥିଲେ । ଉତ୍କଳ ସମ୍ମିଳନୀ ଯାହାକି ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ୩୦/୩୧ ଡ଼ିସେମ୍ବର ୧୯୦୩ରେ ପ୍ରଥମେ ଆହୂତ ହୋଇଥିଲା । ସେ ଥିଲେ ତା'ର ପ୍ରଥମ ସଭାପତି । ଏହି ଭାଷାଅ ।ନ୍ଦୋଳନ କାରଣରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁଏକତ୍ର କରିବା ପାଇଁ ରୟାଲ କମିଶନର ଆଗରେ ସମ୍ମିଳନୀ ତରଫରୁ ୧୯୦୭ରେ ଶ୍ୱେତପତ୍ର ଦାଖଲ କରାଯାଇଥିଲା । ଏହି ଆନ୍ଦୋଳନ କ୍ରମେ ୧୯୧୧ରେ ବଙ୍ଗପ୍ରଦେଶରୁ ବିହାର-ଓଡ଼ିଶାକୁ ମୁକ୍ତ କରି ପ୍ରଥମେ ବିହାର-ଓଡ଼ିଶା ରାଜ୍ୟ ଗଠନ କରାଗଲା । ଏ ସବୁଥିରେ ମଧୁସୂଦନ, ଗୋପବନ୍ଧୁ ଏବଂ ଅନ୍ୟମାନଙ୍କ ସହ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମହାରାଜା ଶ୍ରମଦେବ । ଏହି ଉଦ୍ୟମ କାରଣରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଏପ୍ରିଲ ପହିଲା ୧୯୩୬ରେ ଯାହାକି ସଂପୂର୍ଣ୍ଣ ଭାଷାଭିତ୍ତିକ । ଦୁଃଖ ଯେ ସେତେବେଳକୁ ଉପରୋକ୍ତ ତିନି ମୁଖ୍ୟ ଜୀବୀତ ନଥିଲେ ଅଥଚ ଆଶା ଫଳବତୀ ହେଲା ।

ସେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମ ହୋଇଥିଲେ ସତ୍ୟ ହେଲେ ତାଙ୍କରି କର୍ମକ୍ଷେତ୍ର ଥିଲା ସଂପୂର୍ଣ୍ଣ ଓଡ଼ିଶା । ଓଡ଼ିଆ ଭାଷା ଓ ଜାତିର ଉନ୍ନତି ଥିଲା ତାଙ୍କର ସ୍ୱପ୍ନ । ସେ ନିଜେ ଜଣେ ସୁସାହିତ୍ୟିକ । ଏଣୁ ସାହିତ୍ୟପ୍ରତି ତାଙ୍କର ଯଥେଷ୍ଟ ଅବଦାନ ଏବଂ ପ୍ରୋତ୍ସାହନ କମ ନଥିଲା । ଆମେ ଜାଣେ ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତ ଜ୍ୟୋତିର୍ବିଦ୍ୟାରେ ଭାରତ (ଇଂରେଜ) ସରକାରଙ୍କ ଠାରୁ ମହାମହୋପାଧ୍ୟାୟ ଉପାଧି ୧୮୯୩ସେପ୍ଟେମ୍ବରରେ ପାଇଲେ ଅଥଚ ସେ ଏତେ ଗରିବ ଥିଲେ ଯେ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ବହି ବା ପଞ୍ଜିକା ଖଣ୍ଡିକ ଛାପି ପାରୁନଥିଲେ । ବାମଣ୍ଡା ରାଜା ଶ୍ରୀ ସୁଢ଼ଳଦେବ ଏବଂ ତାଙ୍କର ମିଳିତ ସହଯୋଗରେ ସେ ବହିଟି ୧୮୯୯ରେ ଛପା ହେଲା । ଏମିତି କହି ବସିଲେ ଅନେକ ତାଙ୍କର ବଦାନ୍ୟତା ଗୁଣ । ଏମିତି ଜଣେ ବ୍ୟକ୍ତିତ୍ୱ ଆମପାଇଁ ଏ ଯୁଗରେ ନୁହେଁ ଆଗାମୀ ଯୁଗରେ ବି ବିରଳ ।

ଦୁଃଖ ଯେ ଏପରି ଜଣେ ମହାନ ବ୍ୟକ୍ତିଙ୍କର ଅନ୍ତଘଟିଲା ୨୨ ଫେବୃୟାରୀ ୧୯୧୨ ମସିହାରେ ମାତ୍ର ୪୧ବର୍ଷରେ, କେତେ କମ୍ ବୟସରେ । ତେବେ ସେ ଯେଉଁଠି ଥାଆନ୍ତୁ; ଏଇଠୁ ଆମେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ । ସ୍ମୃତିରେ ରଖିଛୁ ତାଙ୍କୁ ।

ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୪୧୩୮

ତିନି ତୁଣ୍ଡରେ ଛେଳି କୁକୁର

ଇଂ. ବିଦ୍ୟାଧର ପଣ୍ଡା

ଗପଟିକୁ ଅଳ୍ପ ବହୁତେ ସମସ୍ତେ ଜାଣିଥିବେ । ହେଲେ ଏମିତି ବହୁ ଘଟଣା ନିତିଦିନ ଆମ ସମାଜରେ ଘଟିଆସୁଛି, ଘଟୁଛି ଏବଂ ଆଉରି ଆଗକୁ ଅନେକ ସଂଖ୍ୟାରେ ଘଟିବାର ସମ୍ଭାବନା ମଧ୍ୟ ଅଛି । କିନ୍ତୁ ନିକଟ ଅତୀତରେ ଏଇ ଅଧମ ସ୍ତମ୍ଭକାର ସାମ୍ନାରେ ଏମିତି ଏକ ଦୁଃଖଦ ମର୍ମସ୍ପର୍ଶୀ ହୃଦୟବିଦାରକ ଘଟଣା ଘଟିଗଲା ଯାହାକୁ ପଢିଲେ ଜାଣିବେ କି ଆଜିକାଲି ମଣିଷ ତ ପୃଥିବୀରେ ସାତଶହ କୋଟି ପାଖାପାଖି ଅଛନ୍ତି ହେଲେ ଆଉ କାହାପାଖରେ ବୋଧହୁଏ ମଣିଷ ପଣିଆ ବୋଲି କିଛି ନାହିଁ । ଯେଉଁମାନଙ୍କୁ ଆମେ ଅମୃତର ସନ୍ତାନ ବୋଲି ଭାବୁଥିଲେ ସେମାନେ ବି ଆଜି କିଛି କୁଚକ୍ରୀ ଲୋକଙ୍କର ବିଷବଳୟ ପ୍ରରୋଚନା ଭିତରକୁ ପଶି ରାକ୍ଷସ ହେବାକୁ ବସିଲେଣି । ଅମାନୁଷିକ ଅତ୍ୟାଚାର କରିବାକୁ ତିଳେହେଲେ ତା'ଙ୍କ ମନରେ ଦୟାଧର୍ମର ଭାବ ଦେଖିବାକୁ ମିଳୁନାହିଁ । ମୁଁ କେବଳ ଏକ ନିଛକ ସତ୍ୟ ଘଟଣାଟିକୁ ଏଠି ମୋର ବିଦଗ୍ଧ ପାଠକମାନଙ୍କୁ ପରୋକ୍ଷି ସମୀକ୍ଷା କରିବାକୁ ଛୋଟିଆ ଅନୁରୋଧଟିଏ ରଖିବି ।

ରାଜସ୍ଥାନର ନିପଟ ମଫସଲ ଗାଁର ଜୟ ଭଗବାନ ଜଣେ ଗରିବ ବୁଢ଼ାଲୋକ । ବୟସ ସତୁରି ହେଲେ କ'ଣ ହେବ ଏବେ ବଡଝିଅ ଚଉଦ ବର୍ଷରେ ଗୃହଯୋଗ୍ୟା ହେଲା । ଝିଅଟିକୁ ବାହାଦେବାକୁ ହେଲେ ଲକ୍ଷଟଙ୍କା ଦରକାର । କୋଉଠୁ ଆଣିବ ! ବଡଝିଅ ପଛକୁପଛ ଆଉ ଦୁଇଟା ବି ଗୌରୀ ଓ ରୋହିଣୀ ଅବସ୍ଥାରେ ବଢୁଛନ୍ତି । ଅଳ୍ପଦିନ ପରେ କନ୍ୟା ହେଲେ ତା'ଙ୍କ ପାଇଁ ବି ବିବାହ ଖର୍ଚ୍ଚ ଏହି ବୁଢ଼ାବାପକୁ ହିଁ ଉଠାଇବାକୁ ହେବ । ଜଣଙ୍କ ପାଇଁ ଘରଡିହ ବିକିବାକି ହାତକୁ ଦି'ହାତ କରିଦେଲେ ସମସ୍ୟାର ସମାଧାନ ହେବନି । ଏବେ ମନକୁମନ ଭାବୁଛି କାହିଁକି ବୁଢ଼ାଦିନେ ସିଏ ବାହା ହେଲା ? ବାହା ହେବାରୁ ସିନା ଏପରି ଜାଳରେ ଦହଗ ହେଉଛି ! ଜୟ ଭଗବାନର ମା' ଛୁଆବେଳେ ମରିଗଲା ବୋଲି ତା'ର ବାଲ୍ୟବିବାହ ହୋଇ ପାରଲାନି । ରାଜସ୍ଥାନର ସେହି ଅଁଚଳରେ ଯଦି ବାଲ୍ୟବିବାହ ନକରି କିଏ ପୁଅ ବା ଝିଅ ରହିଗଲେ, ଅର୍ଥାତ୍ ବାରବର୍ଷ ଡେଇଁଗଲା ତେବେ ଆଉ ବାଡୁଅପାଣି ଗାଧୋଇବା ସଂଯୋଗ ପ୍ରାୟ ଭବିଷ୍ୟତ ଜୀବନରେ ଜୁଟେନି । ଜୟ ଭଗବାନର ନାଁ ଭଲ ସିନା କିନ୍ତୁ କପାଳରେ ଖାଲି ପରାଜୟର କାହାଣୀ ସହ ଘାତଚନ୍ଦ୍ର ଯୋଗ ଲେଖା ଅଛି । କେଉଁ ଜନ୍ମର ଫଳ କେଜାଣି, ତା'କୁ ଭୋଗିବାକୁ ତ ପଡିବ ।

ତା'କୁ ଯେତେବେଳେ ଏକାବନ ବର୍ଷ ସେତେବେଳେ ଅଠର ବର୍ଷୀୟ ଯୁବତୀ ଜଣେ ତା'ଙ୍କ ଗାଁରେ ବିଧବା ହେଲା । ସେହି ଯୁବତୀକୁ ତା'ର ସ୍ୱାମୀନିଆଁରେ ପୋଡି ମାରି ସତି କରିବାକୁ ଗାଁ ଲୋକ ଜବରଦସ୍ତି ନେଇ ଯାଉଥିବାବେଳେ ଜୟ ଭଗବାନ ସମସ୍ତଙ୍କ ଗୋଡତଳେ ପଡି ନେହୁରା ହୋଇ କହିଲା, 'ଆପଣଙ୍କ ଆଜ୍ଞା ହେଲେ ମୁଁ ଏହି ବିଧବାକନ୍ୟାକୁ ବିବାହ କରିବି । ମୁଁ ଏବେ ଏକାଏକା ରହିପାରୁନି । ଭାବୁଛି ଆତ୍ମହତ୍ୟା କରିଦେବି । ଆପଣ ଯଦି ଏହି ସତିକନ୍ୟାକୁ ତା'ସ୍ୱାମୀ ଜୁଇରେ ନଜଳେଇ ମୋ'ସହିତ ବିବାହର ଆଜ୍ଞା ଦେଇ ଦୟା କରନ୍ତେ ତେବେ ମୁଁ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ ରୁହନ୍ତି ।'

(କ୍ରମଶଃ)

ଚାଷୀ ଆନ୍ଦୋଳନର ଦିଗ : ଏକ ଅନୁଶୀଳନ

ଡ. ସମନ୍ୱୟ ନନ୍ଦ

ଏହି ଆନ୍ଦୋଳନ ବେଳେ ଚାଷୀ ମାନଙ୍କର ସମସ୍ୟା ସମ୍ପର୍କିତ ପୋଷ୍ଟର ସହିତ ଏବେ ନାଗରିକତା ସଂଶୋଧନ ଆଇନକୁ ପ୍ରତ୍ୟାହାର କରିବା, କାଶ୍ମୀରରୁ ଧାରା ୩୭୦କୁ ପୁଣି ଥରେ ଲାଗୁ କରିବା ସମ୍ପର୍କିତ ପୋଷ୍ଟର ମଧ୍ୟ ଦେଖା ଦେଲାଣି । କେବଳ ସେତିକି ନୁହେଁ ଟିକରି ସୀମା ଠାରେ ଯେଉଁ ଚାଷୀ ଆନ୍ଦୋଳନ ହୋଇଥିଲା ସେଥିରେ ସହରୀ ନକ୍ସଲ ଭାବେ ଜଣାଶୁଣା ଓ ଭୀମା କୋରେଗାଁଓ ମାମଲାରେ ଅଭିଯୁକ୍ତ ଓ ବର୍ତ୍ତମାନ ଦେଶର ବିଭିନ୍ନ ଜେଲରେ ଥିବା ଗୌତମ ନବଲଖା, ସୁଧା ଭାରଦ୍ୱାଜ, ବର୍ବରା ରାଓ ତଥା ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଶରଜିଲ ଇମାମ, ଉମର ଖାଲେଦ, ଖାଲିଦ ସୈଫୀ ପରି ଲୋକ ମାନଙ୍କୁ ଜେଲରୁ ମୁକ୍ତ କରା ଯିବାକୁ ଦାବି ହେବାର ଦେଖିବାକୁ ମିଳିଛି । ଚାଷୀ ମାନଙ୍କର ସମସ୍ୟା, ତାଙ୍କର ଆଶଙ୍କା ଏହି ଆନ୍ଦୋଳନରେ ପ୍ରତିଫଳିତ ହେବା ବଦଳରେ ସେହି ଟୁକଡେ ଟୁକଡେ ଗ୍ୟାଙ୍ଗ ଏହି ଚାଷୀ ଆନ୍ଦୋଳନକୁ ନିଜ କବଜାରେ ନେଇ ଯାଇ ଥିବା ଭଳି ଅନୁଭବ ହେଉଛି ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

କେବଳ ସେତିକି ନୁହେଁ ଏହି ମାମଲାକୁ ଧୀରେ ଧୀରେ ହିନ୍ଦୁ – ଶିଖ ବିବାଦର ରୂପ ଦିଆ ଯିବାକୁ ସୁନିୟୋଜିତ ଭାବେ ଚେଷ୍ଟା ଚାଲିଥିବାର ଅନୁଭବ ହେଉଛି । ଚାଷୀଙ୍କ ଆଶଙ୍କା ସମ୍ପର୍କିତ ଆନ୍ଦୋଳନ ନାଁରେ ଏହି ଆନ୍ଦୋଳନକୁ ଧୀରେ ଧୀରେ ମୋଡି ଖଲିସ୍ତାନ ସମର୍ଥକ ମାନେ ବ୍ୟବହାର କରିବାରେ ଲାଗ

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଗୁରୁବାର, ଡିସେମ୍ବର ୧୭, ୨୦୨୦

ସାର୍ବଜନୀନ ଭିକ୍ଷାବୃତ୍ତି

ପ୍ରଦୀପ୍ତ ଆଚାର୍ଯ୍ୟ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀତ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

ମୋର ପଡୋଶୀ ସମୀର ବାବୁ ପ୍ରତ୍ୟେକ ଦିନ ସକାଳୁ,ଗୋଟିଏ କିଛି ସାମାଜିକ ସମସ୍ୟା ପ୍ରସଙ୍ଗ ଆଣି, ମୋ ପାଖକୁ ଆସନ୍ତି,ଘଂଟାଏ ଖଣ୍ଡେ ଆଲୋଚନା ହୁଏ।ଆଲୋଚନା ଭିତରେ ଦୁଇକପ୍ ଚାହା ପିଆ ହୁଏ,ତାପରେ ସେ ନିଜ ଘରକୁ ଯାନ୍ତି। ନିଜର କାର୍ଯ୍ୟ ବ୍ୟସ୍ତତା ଦୃଷ୍ଟିରୁ ବ୍ୟସ୍ତ ଲାଗୁଥିଲେ ମଧ୍ୟ,ତାଙ୍କର ଆଲୋଚ୍ୟ ସାମାଜିକ ସମସ୍ୟାର ବାସ୍ତବତା ଏବଂ ତତ୍‌ଜନିତ ସୃଷ୍ଟ ଅସୁବିଧାର ନିରାକରଣ ନିମନ୍ତେ, ତାଙ୍କ କଳ୍ପନାପ୍ରସୁତ ସମାଧାନର ସମ୍ଭାବ୍ୟ ସୁତ୍ରର ଉପସ୍ଥାପନା ,ମୋତେ ବେଶ୍ ଆକର୍ଷିତ କରେ। ତାଙ୍କର କଥନଶୈଳୀ ନାଟକୀୟ ଏବଂ ବିନା ଗୌରଚନ୍ଦ୍ରିକାରେ,ସେ କୌଣସି କଥା ଆରମ୍ଭ କରନ୍ତି ନାହିଁ। ଆଜି ସକାଳୁ ଆସି ଆରମ୍ଭ କଲେ,ଭାଇ ଆଉ ଏ ଦୁନିଆରେ ତିଷ୍ଠିବା ବଡ କଷ୍ଟ।କେତେ ଛଦ୍ମବେଶୀଙ୍କୁ ମଣିଷ ଚିହ୍ନିବ ?ମୁଁ ପଚାରିଲି,କଣ ହେଲା କହୁ ନାହାନ୍ତି। ସେ କହିଲେ ଗତ କାଲି ସମୟ ନଅଟା ହେବ,ଜଣେ ସୁଦର୍ଶନ ଯୁବକ,ମାର୍ଜିତ ପରିପାଟୀ,ଗଳାରେ ଆଠଦଶଟି ବିଭିନ୍ନ ପ୍ରକାରର ରୁଦ୍ରାକ୍ଷ ମାଳ,ମଥାରେ ଚନ୍ଦନ ସିନ୍ଦୁରର ପ୍ରଲେପ,ଦର୍ଶନ ମାତ୍ରେ ସମ୍ଭ୍ରମତା ଜାଗ୍ରତ ହେବାପରି ବ୍ୟକ୍ତିତ୍ୱ,ମୋ ଗେଟ୍ ଖୋଲି ଭିତରକୁ ଆସିଲେ ଏବଂ କହିଲେ ଝଙ୍କଡବାସିନୀ ମାଆ ଶାରଳାଙ୍କ ପାଇଁ କିଛି ଭିକ୍ଷା ମିଳୁ। ମାଆ ଶାରଳାଙ୍କ ପାଇଁ ଭିକ୍ଷା କଥା ଶୁଣି,ମୋର କାହିଁକି ସନ୍ଦେହ ହେଲା। ତାଙ୍କୁ ପଚାରିଲି,ଆପଣଙ୍କ ଘର କଣ ଶାରଳାଙ୍କ ପାଖରେ ?ସେ କହିଲେ ହଁ ମୁଁ ମାଆ ଶାରଳାଙ୍କ ସେବକ। ମୋର ନାମ ସନ୍ଦୀପ ରାଉଳ। ମୁଁ ତାଙ୍କୁ ପଚାରିଲି,ମନ୍ଦିରର ତ ଟ୍ରଷ୍ଟିବୋର୍ଡ ଅଛି,ସେମାନେ କଣ ତୁମକୁ ଠାକୁରାଣୀଙ୍କ ପାଇଁ ଭିକ୍ଷା ମାଗିବାକୁ ପଠାଇଛନ୍ତି ?ଆଚ୍ଛା ଠିକ୍ ଅଛି,ମୋ ପାଖରେ କେତେକ ସେବକଙ୍କ ଟେଲିଫୋନ ନମ୍ବର ଅଛି। ମୁଁ ଟିକିଏ ତାଙ୍କ ପାଖକୁ ଫୋନ ଲଗାଇ ବୁଝୁଛି।ଏଇ କଥା ଶୁଣୁଶୁଣୁ ସେ କହିଲେ, ଆପଣ ଦେବେତ ଦେବେ, ନଦେଲେ ନଦେବେ,ଏତେ କଥା ପଚାରୁଛନ୍ତି କଣ ପାଇଁ ?ଏଇୟା କହି ସେ, ସେ ସ୍ଥାନ ପରିତ୍ୟାଗ କରିବାକୁ ଉଦ୍ୟତ ହୁଅନ୍ତେ,ମୁଁ ତାଙ୍କୁ କହିଲି,ବାବୁ ଶୁଣ,ତୁମେତ ସୁସ୍ଥ ସବଳ ଲୋକ,ଭିକ୍ଷା ମାଗୁଛ କଣ ପାଇଁ ? ତାଛଡା ଶାରଳାଙ୍କ ନାମ ନେଇ ଭିକ୍ଷା ମାଗିବାଟା ଆଦୌ ଠିକ୍ ହେଉନାହିଁ।ସେ ତତ୍‌କ୍ଷଣାତ ଟିକେ ଉତେଜିତ ହୋଇ କହିଲେ,ବାବୁ ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି,ମୋତେ କୁହନ୍ତୁ,ଏ ଦୁନିଆରେ ଭିକାରୀ କିଏ ନୁହେଁ ? ଆପଣ କଣ ଭିକାରୀ ନୁହନ୍ତି ?ଅପ୍ରତ୍ୟାଶିତ ଲେଉଟ ପ୍ରଶ୍ନରେ,କିଛି ସମୟ ମୁଁ ସ୍ତବ୍ଧ ହୋଇଗଲି।ତାପରେ ସେ ଆରମ୍ଭ କଲେ, ଆଜ୍ଞା ଏ ଦୁନିଆରେ ପ୍ରଥମ ଶ୍ରେଣୀର ଭିକାରୀ ହେଉଛନ୍ତି ସରକାରୀ କର୍ମଚାରୀ।ନିଜର ପଦବୀ ଓ ଯୋଗ୍ୟତା ଅନୁଯାୟୀ ,ସରକାରଙ୍କ ପ୍ରଦତ ସନ୍ତୋଷଜନକ ବେତନ ପ୍ରାପ୍ତି ପରେ ମଧ୍ୟ,ଜନସାଧାରଣଙ୍କ କାର୍ଯ୍ୟରେ ଇଚ୍ଛାକୃତ ବିଳମ୍ବ କରି,ଟେବୁଲ ତଳେ ହାତ ପତାଇ ଲାଂଚ ଗ୍ରହଣ କରିବା କଣ ଭିକ୍ଷାବୃତି ନୁହେଁ ?ସେମାନେ କଣ ସୁସ୍ଥ ସବଳ ନୁହନ୍ତି ? ସେମାନେ କଣ ବିକଳାଙ୍ଗ ?ଆପଣ କଣ ସେ ଭିକ୍ଷା ଦେଇ ନାହାନ୍ତି ? କିମ୍ବା ସରକାରୀ ଚାକିରୀଆ ହୋଇଥିଲେ ସେ ଭିକ୍ଷା ଗ୍ରହଣ କରି ନାହାନ୍ତି ?ମୁଁ ମାଆ ଶାରଳାଙ୍କ ନାମରେ ଭିକ୍ଷା ସଂଗ୍ରହ କରୁଛି ବୋଲି ଆପଣ ମୋତେ ହିତୋପଦେଶ ଦେଇଛନ୍ତି। ତଥାକଥିତ କେଳେଙ୍କାରୀ ବାବାମାନେ ନିଜକୁ ଭଗବାନ କହି,ଲକ୍ଷଲକ୍ଷ ଟଙ୍କା ଭିକ୍ଷା ସଂଗ୍ରହ କରୁଛନ୍ତି,ଆଉ ଆପଣ ମାନେ ସେଠି ହଜାର ହଜାର ଟଙ୍କା ଭିକ୍ଷା ଦେଇ ଆସୁଛନ୍ତି,କାହିଁକି ତାଙ୍କୁତ ଦିନେ ହିତୋପଦେଶ ଦେଉ ନାହାନ୍ତି ? କାରଣ ଏମାନେ ହେଲେ ହାଇ କ୍ୟାଡରର ଭିକାରୀ! କିଛି ଲୋକ ଚାଷୀ ନହୋଇ ମଧ୍ୟ, ନିଜେ,ନିଜ ପୁଅ ଝିଅ ସମସ୍ତଙ୍କୁ ନକଲି ଚାଷୀ ବନାଇ କାଳିଆ ଯୋଜନା ଅର୍ଥ ହାତେଇବାର ପ୍ରଚେଷ୍ଟା କରିନାହାନ୍ତି ? ନିଜେ ଗରିବ ନହୋଇ ମଧ୍ୟ,ନିଜର ବୃଦ୍ଧ ପିତା ମାତାଙ୍କ ନାମରେ ବି.ପି.ଏଲ୍ କାର୍ଡ ହାତେଇବା ପ୍ରଚେଷ୍ଟା କରିନାହାନ୍ତି ?ଏମାନେ କଣ ଭିକାରୀ ନୁହନ୍ତି ? ଏମାନେ ହେଲେ ଦ୍ୱିତୀୟ ଶ୍ରେଣୀର ଭିକାରୀ।ଆଉ କିଛି ବ୍ୟକ୍ତି ଭିକ୍ଷା ସଂଗ୍ରହ କରି,ଭିକ୍ଷା ପ୍ରଦାନ କରିଥାନ୍ତି। ଗରିବ ଅସହାୟ ଲୋକଙ୍କ ସାହାଯ୍ୟାର୍ଥେ,ବିଭିନ୍ନ ଅନୁଷ୍ଠାନ ଓ ସରକାରଙ୍କ ଠାରୁ ଭିକ୍ଷା ଗ୍ରହଣ କରି,କିଛି ଅର୍ଥ ସେ ବାବଦରେ ବ୍ୟୟ କରି,ନିଜେ ଭିକ୍ଷୁକ ସାଜି ଆଦାୟ ଭିକ୍ଷାର ସିଂହଭାଗ ନିଜେ ଆତ୍ମସାତ୍ କରନ୍ତି। ଆଉ କିଛି ଭିକାରୀ ମେଡିକାଲ୍ ଆର.ଟି.ଓ ଅଫିସ ଇତ୍ୟାଦିରେ ଛୋଟଛୋଟ ଶିକାର ସଂଗ୍ରହ କରି ବଡବଡ ଶିକାରୀଙ୍କ ପାଖରେ ଛାଡିଦେଇ,ସେମାନଙ୍କ ଠାରୁ ଭିକ୍ଷା ଗ୍ରହଣ କରିଥାନ୍ତି। ଏମାନେ ହେଲେ ତୃତୀୟ ଶ୍ରେଣୀର ଭିକାରୀ। ଆଉ କିଛି ଋତୁକାଳୀନ ଡିପ୍ଲୋମାଟ୍ ଭିକ୍ଷୁକ ଅଛନ୍ତି। ସେମାନେ ସବୁବେଳେ ଭିକ୍ଷା ମାଗନ୍ତି ନାହିଁ,ପ୍ରତି ପାଂଚ ବର୍ଷରେ ଥରେ ଭିକ୍ଷା ମାଗନ୍ତି। ଥରେ ଭିକ୍ଷା ପାଇଗଲା ପରେ,ସେମାନେ ହୋଇଯାନ୍ତି ଅଖଣ୍ଡ କ୍ଷମତା ଓ ଅମାପ ସଂପତିର ଅଧିକାରୀ। ତାପରେ ସେମାନେ ଲାଗି ପଡନ୍ତି,ଜନସାଧାରଣଙ୍କୁ ଭିକାରୀ ସଜାଇବାର ପ୍ରକ୍ରିୟାରେ। ଆମ ଭିତରେ ଆରମ୍ଭ ହୋଇଯାଇଛି,ଭିକାରୀ ହେବାର ମାନସିକତାର ତୀବ୍ର ପ୍ରତିଯୋଗୀତା। ଭିକାରୀ ସାଜିବାର ପ୍ରତିଦ୍ୱନ୍ଦିତା ଭିତରେ କର୍ମଠତା ଓ କର୍ମପ୍ରବଣତା ସୁପ୍ତ ଓ ବିଲୁପ୍ତ। ମାଗଣା ପାଇବାର ମନ ଆଗରେ ବିବେକ ଅସହାୟ।ଆଜ୍ଞା, ଆପଣ ଏଥର କୁହନ୍ତୁ,ଏସମାଜରେ ମୁଁ କଣ ଏକା ଭିକାରୀ ? ଏତକ କଥା ସମୀର ବାବୁ ମୋ ପାଖରେ ପ୍ରକାଶ କରିବା ପରେ, ଗୋଟିଏ ଦୀର୍ଘଶ୍ୱାସ ନେଇ କହିଲେ,ତାପରେ ସେ ମୋତେ କଣ କହିଲା ଶୁଣିବେ ? କହିଲା ଆଜ୍ଞା,ମୁଁ ଜଣେ ବ୍ରାହ୍ମଣ ଘରର ପିଲା,ଓଡିଆ ସାହିତ୍ୟରେ ସ୍ନାତକୋତର ମୋର ଶିକ୍ଷାଗତ ଯୋଗ୍ୟତା। ସଂରକ୍ଷଣର ଅକ୍ଟୋପାସ କବଳରେ ମୁଁ ଶ୍ୱାସରୁଦ୍ଧ। ମନ ମୋର ବିଦ୍ରୋହ କରି ଉଠୁଛି, ଯେତେବେଳେ ଦେଖିଦେଉଛି,ମୋଠାରୁ କମ ଦକ୍ଷ,ଦୁର୍ବଳ ଛାତ୍ରଟି,ସରକାରୀ ଚାକିରୀ ଖଣ୍ଡିଏ ହାତେଇଦେଇ,ସଗର୍ବରେ ମୋରି ଆଖି ଆଗରେ ଚାଲିଯାଉଛି। ବିବାହ ବୟସ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ଏଯାବତ୍ ବିବାହ କରିପାରିନାହିଁ। କନ୍ୟାପିତା ମାନେ ବେରୋଜଗାରୀ ଯୁବକ ହସ୍ତରେ କନ୍ୟା ସଂପ୍ରଦାନ କରିବା ପାଇଁ କୁଣ୍ଠିତ ହେଉଅଛନ୍ତି। ଈଶ୍ୱରଙ୍କ ନିକଟରେ କ୍ଷୋଭ ପ୍ରକାଶ କରୁଛି,କାହିଁକି ସେ ମୋତେ ଏପରି ହୀନ ନୀଚ ବ୍ରାହ୍ମଣ କୂଳରେ ଜାତ କଲେ ବୋଲି! କ୍ଷୁଧା ନିବାରଣ ଓ ରୁଗ୍‌ଣ ବୃଦ୍ଧ ପିତା ମାତାଙ୍କର ଔଷଧ ଖର୍ଚ୍ଚ ତୁଲାଇବା ମଧ୍ୟ ବେଳେ ବେଳେ ଅସମ୍ଭବ ହୋଇପଡୁଛି। ପ୍ରଥମେ ଭିକ୍ଷା କରୁଥିଲି ଈଶ୍ୱରଙ୍କ ନିକଟରେ,ମୋର ଆର୍ଥିକ ସ୍ୱଚ୍ଛଳତା ପାଇଁ,ନିରାଶ ହେବାପରେ ମାଆଙ୍କ ନାମ ନେଇ ଭିକ୍ଷା କରୁଛି,ଆପଣ ମାନଙ୍କ ନିକଟରେ,ଜୀବନ ବଂଚାଇବା ପାଇଁ। ଏ ବୃତିକୁ ଆପଣାଇବାକୁ ମୋର ବିବେକ ମୋତେ ବାରମ୍ବାର ଦଂଶନ କରୁଥିଲେ ମଧ୍ୟ ମୁଁ ନିରୁପାୟ। ଆପଣ କହିପାରିବେ,ଆମପରି ଆର୍ଥିକ ଦୁର୍ଗତି ଭିତରେ ଗତି କରୁଥିବା,ତଥାକଥିତ ଉଚ୍ଚ ବର୍ଗର ବ୍ୟକ୍ତି ମାନଙ୍କ ପାଇଁ, ସରକାର କଣ ଯୋଜନା ପ୍ରଣୟନ କରିଛନ୍ତି ?ମୋର ଭିକ୍ଷାବୃତି ଏକତଳ ପ୍ରାସାଦକୁ ଦ୍ୱିତଳ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ,କେବଳ ବଂଚିବା ପାଇଁ ମୋର ଭିକ୍ଷାବୃତି। ଏଥର ଆପଣ କୁହନ୍ତୁ, ଦୁଇ ପଇସା ଅଧିକ ଭିକ୍ଷା ପାଇବା ନିମନ୍ତେ,ମୁଁ କଣ ମାଆଙ୍କ ନାମ ନେଇ ଭିକ୍ଷା ମାଗିବା ପାପ ? ତାଠାରୁ ଆଉ କିଛି ଶୁଣିବା ପାଇଁ ମୋର ଧୈର୍ଯ୍ୟ ନଥିଲା, ତାହାତରେ ଖଣ୍ଡିଏ ପଚାଶ ଟଙ୍କିଆ ନୋଟ୍ ଗୁଞ୍ଜିଦେବା ବେଳକୁ ,ମୋର ଚକ୍ଷୁଥିଲା ଲୋତକ ପ୍ଲାବିତ।

ଶୀତରେ ସୋରିଷ ଶାଗର ଉପକାରିତା

ଶୀତଦିନିଆ ବଜାରରେ ବିଭିନ୍ନ ରକମର ପରିବାମାନ ମିଳିଥାଏ । ପୋଷକତତ୍ତ୍ୱ ଭରପୂର ଏସବୁ ପରିବାକୁ ନିଜ ଖାଦ୍ୟପାନୀୟରେ ପ୍ରତ୍ୟେହ ସାମିଲ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢେ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଶୀତଋତୁରେ ସୋରିଷ ଶାଗକୁ ମଧ୍ୟ ଭୋଜନରେ ସାମିଲ କରନ୍ତୁ । କ୍ୟାଲୋରୀ ଭରପୂର ଶାଗରେ କାର୍ବୋହାଇଡ୍ରେଟ୍, ଫାଇବର୍, ପୋଟାସିୟମ୍, ଭିଟାମିନ୍ ଏ, ସି, ଡି, ବି-୧୨, ମ୍ୟାଗ୍ନେସିୟମ୍, ଲୌହ, କ୍ୟାଲସିୟମ୍ ଥିବା ଏଇ ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ସୋରିଷ ଶାଗ ଖାଇଲେ ଶରୀରକୁ ଶକ୍ତି ମିଳେ ।

- ସପ୍ତାହକୁ ଅନ୍ତତଃ ୨-୩ ଥର ସୋରିଷ ଶାଗ ଖାଇଲେ ଶରୀରରେ କୋଲେଷ୍ଟ୍ରୋଲ୍ ସ୍ତର ନିୟନ୍ତ୍ରଣ ରହେ ।
- ହୃଦ୍‌ରୋଗୀରୁ ବର୍ତ୍ତିବାକୁ ଚାହୁଁଥିବା ଲୋକ ନିଜ ଡାଏଟ୍ ତାଲିକାରେ ସୋରିଷ ଶାଗ ସାମିଲ କରିବା ଭଲ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ଏଇ ଶାଗ ଖାଇଲେ ହାଡ, ଗଣ୍ଠି, ମଧ୍ୟ ଶକ୍ତ ହୋଇଥାଏ ।
- ଏସିଆନ୍ ଚିକିତ୍ସାଳୟର ଖାଦ୍ୟ ବିଶେଷଜ୍ଞ ବିଭା ବାଜପେୟୀଙ୍କ ମତରେ ଶୀତରେ ଆଣ୍ଠୁଗଣ୍ଠି ସମସ୍ୟା ଥିବା ଲୋକ ନିୟମିତ ସୋରିଷ ଶାଗ ଖାଇଲେ ଉପଶମ ମିଳେ ।

ଅନେକ ରୋଗର ମହୌଷଧୀ ଏହି ଗଛର ପତ୍ର

କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ୍ୟ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା ରେ ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ୍ୟ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣଃ ଦାନ୍ତମାଢି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି-ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ । ଶରୀରରେ ଆଣ୍ଠୁଗଣ୍ଠି ଓ ପାଦ ଫୁଲିବା ଭଳି ସମସ୍ୟା ଦେଖା ଦେଲେ, ତେନ୍ତୁଳି ପତ୍ରର ରସକୁ ବ୍ୟବହାର କରି ଏହାକୁ ଦୂର କରି ପାରିବେ । ଏହା ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏଥିରେ ଅମୃତ ଭଣ୍ଡା, ଲୁଣ ଓ ପାଣି ମିଶାଇ ପାରିବେ, କିନ୍ତୁ ଧ୍ୟାନ ରଖିବେ ଯେ, ଲୁଣର ମାତ୍ରା ଯେପରି କମ୍ ରୁହେ ।

ବାପା ଚଢ଼େଇ

ଜୀବଜଗତରେ ଅନେକ ଅଜବ ପ୍ରାଣୀ ଅଛନ୍ତି । ସେମିତି ଏକ ପ୍ରାଣୀ ହେଉଛି ଆଫ୍ରିକୀୟ ଜାକାନା ଚଢେଇ । ଏହା ସାଧାରଣତଃ ଆର୍ଦ୍ର ଅଞ୍ଚଳରେ ରହେ । ପାଣି ଉପରେ ତଥା ପାଣିରେ, ଭାସମାନ କଇଁ, ପଦ୍ମ ପତ୍ର ଉପରେ ଏହା ଚାଲିପାରେ । ଲମ୍ବା ଲମ୍ବା ପତଳା ଗୋଡ ସାଙ୍କକୁ ୭ ସେ.ମି ଲମ୍ବର ପଞ୍ଜା ଯୋଗୁ ପାଣି ଉପରସ୍ଥ ପତ୍ର ଉପରେ ଏମାନେ ଚାଲିପାରନ୍ତି । ଅଧିକାଂଶ ସମୟ ଏହି ଚଢ଼େଇ ପାଣିରେ ରହୁଥିବାରୁ ଏହାକୁ 'ଲିଲି ଟ୍ରଟର୍' ବି କହନ୍ତି । ଏହାବାଦ ଏହି ଚଢ଼େଇ ଏକ ଭଲ ବାପା ମଧ୍ୟ, ଯେକି ଛୁଆଙ୍କ ସୁରକ୍ଷା କବଚ ପାଲଟିଥାଏ । ଆଉ ସେମାନଙ୍କର ସବୁ ଦାୟିତ୍ୱ ବାପା ହିଁ ତୁଲାଇଥାଆନ୍ତି । ବିପଦ ଆସୁଥିବା ଦେଖିଲେ ବାପା ଜାକାନ ପିଲାମାନଙ୍କୁ ନିଜ ଡେଣା ଭିତରେ ଲୁଚାଇ ରଖି ଦିଅନ୍ତି । ପିଲାଙ୍କର ଦେହ ଲୁଚି ଯାଉଥିବାବେଳେ ଗୋଡ ଝୁଲି ରହିଥିବା ଦେଖାଯାଏ । ଯଦ୍ୱାରା ବାପା ଚଢ଼େଇର ଅନେକ ଗୋଡ ଥିବା ପରି ଲାଗେ । ବାପା ଜାକାନାର ଛୁଆଙ୍କୁ ବିପଦରୁ ସୁରକ୍ଷା ଦେବାର ଏହି ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇଥାଏ ।

ବ୍ରାହ୍ମୀ ତେଲ

ଆପଣ କଳା ଘନକାୟ କେଶ ଚାହୁଁଛନ୍ତି, ଆଉ ଆପଣ ତାହା ପାଇପାରୁ ନାହାଁନ୍ତି କି ? ତେବେ ଏନେଇ ଆଉ ଚିନ୍ତା କରନ୍ତୁ ନାହିଁ । ଘରୋଇ ଉପଚାର ଦ୍ୱାରା ଆପଣ ପାଇପାରିବେ ଘନ, କଳା ଓ ଲମ୍ବ କେଶ ତେବେ ଆସନ୍ତୁ ଜାଣିବା କଣ କଲେ ଆପଣ ପାଇପାରିବେ ଏଭଳି କେଶ... ବ୍ରାହ୍ମୀପତ୍ରରୁ ରସ ପ୍ରସ୍ତୁତ କରିସେଥିରେ ରସ ପରିମାଣର ଶୁଦ୍ଧ ରାଶି ତେଲ । ମିଶାଇଦେବେ । ମିଶ୍ରଣକୁ ଚୁଲାରେ ଧିମା ଆଞ୍ଚରେ କିଛି ସମୟ ବସାଇ ଦେବେ, କିଛି ସମୟ ପରେ ମିଶ୍ରଣ ଫୁଟିବାକୁ ଲାଗିବ ଓ ଏହାର ପରିମାଣ କମିଯିବ ତା ପରେ ଏହାକୁ ଚୁଲାରୁ କାଢ଼ି ଦେବେ । ଏହି ମିଶ୍ରତ ତେଲ ଥଣ୍ଡା ହୋଇଗଲେ ତାକୁ ଏକ କାଚ ଶିଶିରେ ରଖିବେ । ପ୍ରସ୍ତୁତ ଏହି ତେଲକୁ ପ୍ରତିଦିନ ମୁଣ୍ଡରେ ଲଗାଇବା ଦ୍ୱାରା ଆପଣଙ୍କ କେଶ ଘନ, କଳା, ଲମ୍ବା ହୋଇଯିବା ସହ ଆପଣଙ୍କ ମୁଣ୍ଡର ସୁନ୍ଦରତା ବୃଦ୍ଧି ମଧ୍ୟ ପାଇଥାଏ । ଏହା ଛଡ଼ା ଆପଣଙ୍କ ଜ୍ଞାନାକ୍ତିକୁ ମଧ୍ୟ ପ୍ରଖର କରିଥାଏ ବ୍ରାହ୍ମୀ ତେଲ ।

ସ୍ୱାସ୍ଥ୍ୟ ମନ୍ତ୍ର

- ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।
- ହଳଦୀ ଓ ହିଙ୍ଗୁ ପାଣିରେ ବତୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।
- ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘାଣ୍ଟି ପିଅନ୍ତୁ ।
- ଗରମ କ୍ଷୀରରେ ହଳଦୀ ଫେଣ୍ଟି ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।
- ପାଟି ଭିତର ଘା' ହୋଇଥିଲେ ହଳଦୀ ଓ ମହୁ ମିଶାଇ ଲଗାନ୍ତୁ । କିଛି ସମୟ ପରେ ଉଷୁମ ଲୁଣ ପାଣି କୁଳି କରନ୍ତୁ ।
- ପାଦ ଫାଟୁଥିଲେ ନଡିଆ ଦେଲ ଓ ହଳଦୀ ଗୋଳାଇ ଲଗାନ୍ତୁ ।

ରୋଗପ୍ରତିରୋଧକ ଶକ୍ତି ବଢାଇବ ଏସବୁ ଖାଦ୍ୟ

ଯେ କୌଣସି ପ୍ରକାର ସଂକ୍ରମିତ ରୋଗରୁ ବର୍ତ୍ତିବାକୁ ହେଲେ, ପ୍ରଥମେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଆମେରିକା ଫୁଡ୍ ଆସୋସିଏସନ୍ ସଂଘ ମୁଖ୍ୟଙ୍କ ମତରେ ପିଲାଠାରୁ ବୟସ୍କ ଏଥିରେ ସାମିଲ କରାଯିବା ଉଚିତ ।

- ଦେଶୀ ଘିଅ, ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରେ । କେତେକ ବର୍ଗର ଲୋକଙ୍କ ଭୟ ଯେ ଦେଶୀ ଘିଅ ଖାଇଲେ ଓଜନ ବଢିବା ସହ କୋଲେଷ୍ଟୋରଲ୍ ସ୍ତର ବୃଦ୍ଧି ହୁଏ । ତାହା ଭୁଲ୍ ପ୍ରମାଣିତ ହୋଇଛି । ଦୈନିକ ସକାଳବେଳା ଗୋଟିଏ ଚାମଚ ଶୁଦ୍ଧ ଦେଶୀଘିଅ ୧ ମାସ ଖାଇବା ପରେ ଏହାର ଉତ୍ତମ ପ୍ରଭାବ ଜାଣିପାରିବେ ।
- ଭିଟାମିନ୍ ସି ଯୁକ୍ତ ସମସ୍ତ ପ୍ରକାର ଫଳ ଓ ପନିପରିବା ନିଜ ଭୋଜନରେ ସାମିଲ କରନ୍ତୁ । ଖରାଦିନେ ଦିନକୁ ୩-୪ ଥର ଘରେ ଲେମ୍ବୁ, ପାଣି ପିଅନ୍ତୁ । ଏହା ଦ୍ୱାରା ଫୂର୍ତ୍ତି ଲାଗିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ ।

- ରସୁଣ, ଏହାର ଆବଶ୍ୟକତା ଦୈନନ୍ଦିନ ଜୀବନରେ ଖୁବ୍ ଅଧିକ । ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ଦେଇ ପରଷନ୍ତୁ । ନଚେତ୍ ସକାଳୁ ଖାଲିପେଟରେ ୨-୩ ରସୁଣ ପାଖୁଡା ଖାଇବା ଶରୀର ପାଇଁ ମହୌଷଧି ପରି କାମ କରେ ।
- ଅମୃତଭଣ୍ଡା, ଏଇ ପରିବା ଉଭୟ କଂଚା ଓ ପାଚିଲା ଖାଇ ହୁଏ । ବିଭିନ୍ନ ପ୍ରକାର ତରକାରିରେ ଏଇ ପରିବାର ଉପଯୋଗ କରି ଖାଇବା ଉଚିତ ।
- ରିଫାଇନ୍ ତେଲ ପରିବର୍ତ୍ତେ ସୋରିଷ ତେଲ କିମ୍ବା ନଡିଆ ଦେଲରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ପୂର୍ବେ ଲୋକ ଏଇ ସବୁ ତେଲରେ ହୁଁ ଖାଦ୍ୟ ରାନ୍ଧୁଥିଲେ । ସେମାନଙ୍କ ସୁସ୍ଥ ଜୀବନଶୈଳୀର ଏହା ଅନ୍ୟତମ ସୂତ୍ର ଥିଲା ।
- ଦହି, ଦ୍ୱିପହର ଭୋଜନରେ ଆପଣ ଏହା ଖାଇପାରିବେ । ଶରୀରକୁ ଶକ୍ତି ଯୋଗାଇବାରେ ଦହି ଖୁବ୍ ସହାୟକ ହୋଇଥାଏ ।

ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

**ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିଓ୍ୱକର୍‌ଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସି

ଗଞ୍ଜେଇ ଜବତ: ୩ ଗିରଫ

ଜୟପୁର ,୧୬।୧୨ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ଏହି ମାମଲାରେ ୩ ଜଣ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଉତର ପ୍ରଦେଶ ର ନନ୍ଦ କୁମାର କୁଶୁବାହା (୩୮) ଆର୍ଯ୍ୟ କଶ୍ୟପ (୨୫), ରାମ ମିଲନ (୨୮) ପୋଲିସ ସୁତ୍ର ରୁ ପ୍ରକଶ ଯେ ବେପାରିଗୁଡା ପଟୁ ଜୟପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ପୋଲିସ ଖବର ପାଇଁ ବାମୁଣିଗାଁ ନିକଟରେ ରହିଥିଲା । ଏକ ଧଳା କଲର ମାରୁତି କାର ୟୁପି- ୭୦-ଏଚଟି- ୪୫୭୯ କାରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରିଥିଲା । ଚଢାଉ କରି ୪୨ କେଜି ୧ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକମୁଲ୍ୟ ୫ ଲକ୍ଷ ହେବ । ଗଞ୍ଜେଇ କାରରେ ଉ ର ପ୍ରଦେଶ ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରିଥିଲା । କାର ସହ ୨ ହଜାର ଟଙ୍କା,୩ଟି ମୋବାଇଲ ଜବତ କରୀ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ।

ପୁରୀ ପୌରାଂଚଳରେ ବର୍ଜ୍ୟବସ୍ତୁ ଆଇନ କଡ଼ାକଡ଼ି

ପୁରୀ,୧୬।୧୨ (ନି.ପ୍ର): ପୁରୀ ପୌରାଂଚ ଳରେ ବର୍ଜ୍ୟବସ୍ତୁ ଆଇନ ୨୦୧୬କୁ କଡ଼ାକଡ଼ି କରାଯାଇଛି । ଏଥିପାଇଁ ପୌରସଂସ୍ଥା ପକ୍ଷରୁ ଦୁଇଟି ସ୍କ୍ୱାର୍ଡ଼ ଗଠନ ହୋଇଛି । ଗୋଟିଏ ସ୍କ୍ୱାର୍ଡ଼ରେ ବରିଷ୍ଠ ଅଧିକାରୀ ବୃନ୍ଦାବନ ପତି ରହିଛନ୍ତି । ଅନ୍ୟ ସ୍କ୍ୱାର୍ଡ଼ରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରଶାନତ ପଟ୍ଟନାୟକ (ମୁନା) ରହିଛନ୍ତି । ଏମାନେ ସହରର ୩୨ଟି ୱାର୍ଡ଼ ବୁଲି ସହରର ପରିଚ୍ଛନତା ଓ ବର୍ଜ୍ୟବସ୍ତୁ ପରିଚାଳନା ପରିଦର୍ଶନ କରିବେ । ଯେଉଁମାନେ ଅଳିଆ ଆବର୍ଜନା ରାସ୍ତାରେ ପକାଉଥିବେ ସେମାନଙ୍କୁ ଜୋରିମାନା କରାଯିବ । ଗୃହ ନିର୍ମାଣରେ ନିୟୋଜିତ ବାଲ, ଗୋଡ଼ି ଆଦି ରାସ୍ତା ଉପରେ ରଖି ପାରିବେ ନାହିଁ । ପୌର ଆଇନ ଅନୁଯାଇ, ଗାଈଗୋରୁ, କୁକୁର ରାସ୍ତାକୁ ଛାଡ଼ିବେ ନାହିଁ । ଏହି ସ୍କ୍ୱାର୍ଡ଼ ନଭେମ୍ବର ମାସରେ ୯୦ କି.ଗ୍ରା ପଲିଥିନ ଜବତ କରିବା ସହ ଜୋରିମାନା ଆଦାୟ କରିଛନ୍ତି । ଆଜି ଏହି ସ୍କ୍ୱାର୍ଡ଼ ବଳଗଣ୍ଡି, ମାର୍କେଟ ଛକ, ନାୟକ ପ୍ଲାଜାଠାରୁ ପଲିଥିନ ଜବତ କରି ୮୫୦୦ ଟଙ୍କା ଜୋରିମାନା ଆଦାୟ କରିଛନ୍ତି ।

ବାଲି ଲୁଟ୍ ବେଳେ ୨ ହାଇୱା ଜବତ କଲା ପୋଲିସ

କେନ୍ଦୁଝର,୧୬।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ର ବେଧଡକ ଲୁଟ ଚାଲିଥିବା ଘଟଣା କାହାକୁ ଅଛପା ନାହିଁ । କେତେବେଳେ କେମିତ ଗୋଟେ ଅଧେ ଗାଡି ଧରି ପୋଲିସ କିମ୍ବା ରାଜସ୍ୱ ବିଭାଗ ବାହ ବା ନେବାକୁ ଭୁଲନ୍ତି ନାହିଁ । କିନ୍ତୁ ବାସ୍ତବ କ୍ଷେତ୍ରରେ ପୋଲିସ କିମ୍ବା ରାଜସ୍ୱ ବିଭାଗର ଏହି ଲୁଟରେ ଆଙ୍କୁଶ ଲଗାଇବା ଦିଗରେ ଯେ ଆଗ୍ରହ ନଥିବା ବାରମ୍ବାର ପ୍ରମାଣିତ ହେବାରେ ଲାଗିଛି । ଯେଉଁଥି ପାଇଁ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ଲୁଟ ବଢିବାରେ ଲାଗିଛି । ବିଶେଷ ଭାବେ କୋଭିଡ -୧୯ ର ସୁଯୋଗ ନେଇ ଲୁଟେରା ମାନେ ଅଧିକ ସକ୍ରିୟ ହୋଇ ପଡିଥିବା ଲକ୍ଷ୍ୟ କରାଯାଉଛି । ଅନୁରୁପ ଭାବେ ଝୁମ୍ପୁରା ତହସିଲ ଅନ୍ତର୍ଗତ ସୌରାଡ ଉସ୍ ଗୁଡିକରୁ ଲଘୁ ଖଣିଜ (ବାଲି, ପଥର) ଚୋରା ଚାଲାଣ ବେଧଡକ ଭାବେ ସମସ୍ତଙ୍କ ଆଖି ଆଗରେ ଚାଲିଛି । ଯଦିଓ କୌଣସି କୌଣସି ସୂତ୍ରର ସୂଚନା କୁ ଆଧାର କରି ରାଜସ୍ୱ ବିଭାଗ ସମୟ ସମୟରେ ଚଢାଉ ଜାରି ରଖିଥିଲେ ହେଁ, ଚୋରା ବେପାରୀ ମାନେ ଭିନ୍ନ ଭିନ୍ନ କୌଶଳ ପ୍ରୟୋଗ କରି ଲୁଟ ମଧ୍ୟ ଜାରି ରଖିଛନ୍ତି । ବିଶେଷ ଭାବେ ସୌରାଡ ଉସ୍ ଲିଜ ବାହାରେ ହିଁ ଏହି ଚୋରା ଚାଲାଣ ଜାରି ରହିଛି । ଇତି ମଧ୍ୟରେ କୌଣସି ସୂତ୍ରରୁ ଖବର ପାଇ ଝୁମ୍ପୁରା ପୋଲିସ ସୋମବାର ସନ୍ଧ୍ୟା ସମୟରେ କଟଲପଶି ଗ୍ରାମ ନିକଟରୁ ୨ ଟି ବାଲି ବୋଝେଇ ହାଇୱା ଟ୍ରକ ଜବତ କରିଛି । ହାଇୱା ଟ୍ରକ ନଂ (ଓଡିଶା୫ -୦୦୪୫) ଏବଂ(ଆର ୧୯- ଏନ ୪୯୩୦) ତେବେ ବାଲି ବୋଝେଇ ଟ୍ରକ ବ୍ରେକ ଡାଉନ ଥିବା ଦର୍ଶାଇ ଥାନାକୁ ଆଣାଯାଇ ପାରିନାହିଁ ବୋଲି, ଥାନାର ସେକେଣ୍ଡ ଅଫିସର ପି. ଆର ପରିଡା କହିଥିଲେ ମଧ୍ୟ ସତ୍ୟତା ଉପରେ ତଥାପି ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ହାଇୱା ଟ୍ରକ ଦ୍ୱୟ ଥାନାକୁ ଆଣାଯିବା ପରେ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ ବୋଲି କୁହାଯାଇଛି । ଏ ସଂପର୍କରେ ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି କହିଛନ୍ତି ଯେ ତାଙ୍କୁ ଏହାର ଖବର ମିଳିଛି । ହାଇୱା ଟ୍ରକ ଦ୍ୱୟରୁ ୪୦ହଜାର ଜୋରିମାନା ଆଦାୟ କରାଯିବବୋଲି ସେ କହିଛନ୍ତି ।

ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀଙ୍କ ସି.ଆର୍.ଏସ୍.ଆର୍ ପରିଦର୍ଶନ

ଭଦ୍ରକ,୧୬।୧୨ (ନି.ପ୍ର): ବିଜ୍ଞାନ ଓ ପ୍ରଯୁକ୍ତି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍) ପରିଦର୍ଶନ କରିଥିଲେ । ଏହି ଅବସରରେ କେନ୍ଦ୍ରରେ ଥିବା ସ୍ୱଳ୍ପ ଦୃଷ୍ଟିବାଧିତ ପରୀକ୍ଷା ବିଭାଗ, ଫିଜିଓଥେରାପି, ଅକୁପେସନାଲଥେରାପି, କୃତ୍ରିମ ଅଙ୍ଗ ବିଭାଗ (ପି ଏଣ୍ଡ ଓ), ଶ୍ରବଣ ଓ ବାକ୍‌ଶକ୍ତି ପରୀକ୍ଷା ବିଭାଗ ପରିଦର୍ଶନ କରିବା ସହିତ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଅନ୍ତେବାସୀ ପିଲାମାନଙ୍କୁ ଫଳ ବ ନ କରିଥିଲେ । ପରିଶେଷରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପଣ୍ଡା ଟ୍ରାଇସାଇକେଲ, ଘୂର୍ଣ୍ଣନଚୌକି, ଶ୍ରବଣଯନ୍ତ୍ର, କୃତ୍ରିମ ଅଙ୍ଗ, ଆଶାବାଡ଼ି,ସିପି ଚେୟାର, ସ୍ମାର୍ଟଫୋନ ଇତ୍ୟାଦି ବ ନ କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ଏହି ପରିଦର୍ଶନ ସମୟରେ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ଘୋଷ ଉପସ୍ଥିତ ଥିଲେ । ସି.ଆର.ଏସ.ଆର. ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା, ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇ ଥିଲେ ।

ବୌଦ୍ଧଜିଲ୍ଲାର ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ: ଶୋକର ଛାୟା

ବୌଦ୍ଧ,୧୬।୧୨ (ନି.ପ୍ର): ଆଜି ବୌଦ୍ଧଜିଲ୍ଲାର ଦୁଇଜଣ ବିଶିଷ୍ଟ ବ୍ୟକ୍ତି ବୌଦ୍ଧ ଜିଲ୍ଲା ପରିଷଦର ପ୍ରଥମ ଅଧକ୍ଷ ଶେଖ୍ ସଲିମ୍ ଏବଂ ଚିତ୍ରଶିଳ୍ପୀ ଉଦୟନାଥ ସିଂଙ୍କ ପରଲୋକ ହୋଇଛି । ସେଖ୍ ସଲିମ ୧୯୪୪ ମସିହା ଅକ୍ଟୋବର ୧୦ତାରିଖରେ ଜନ୍ମଗ୍ରହଣ କରି ଶିକ୍ଷାଗ୍ରହଣ କରିବା ପରେ ଚମଡା ଶିଳ୍ପ କାରଖାନା କରି ଉନ୍ନତ ମାନର ଜୋତା ତିଆରି କରିଥିବାରୁ ରାଷ୍ଟ୍ରପତି ପୁରଷ୍କାର ପାଇଥିଲେ । ପରବର୍ତୀ ସମୟରେ ବାଲଟି କାରଖାନା କରି ସଫଳ ବ୍ୟବସାୟୀ ଭାବେ ସୁନାମ ଅର୍ଜନ କରିଥିଲେ । ରାଜନୀତିରେ ପ୍ରବେଶକରି ୭ନଂ ଜୋନରୁ ଜିଲ୍ଲା ପରିଷଦ ସଭ୍ୟଭାବେ ନିର୍ବାଚିତ ହୋଇ ବୌଦ୍ଧଜିଲ୍ଲାର ପ୍ରଥମ ଜିଲ୍ଲା ପରିଷଦର ଅଧକ୍ଷ ହୋଇଥିଲେ । ଆଜି ୭୬ ବର୍ଷରେ ସକାଳେ ତାଙ୍କ ମୁସଲିମ ପଡାରେ ଥିବା ବାସଗୃହରେ ମୃତ୍ୟୁବରଣ କରିଥିଲେ । ସେଠାରେ ତାଙ୍କର ପୁଅ ଝିଅ, ନାତି ନାତୁଣି ଜୋଇଁ ଉପସ୍ଥିତ ରହିଥିଲେ । ଉଦୟନାଥ ସିଂ ଚିତ୍ରଶିଳ୍ପିରେ ସୁନାମ ଅର୍ଜନ କରି ବହୁବାର ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ପୁରଷ୍କୃତ ହୋଇଥିଲେ । ଏହି ଦୁଇବ୍ୟକ୍ତିଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିଲା ।

ମସାରି ବଂଟନ ସଂକ୍ରାନ୍ତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଝାରସୁଗୁଡା ,୧୬।୧୨ (ନି.ପ୍ର): ଆଜି ଜିଲ୍ଲାସ୍ତରୀୟ ସମନ୍ୱୟ ସମିତି ବୈଠକ ତଥା ଔଷଧ ଉପଚାରିତ ମସାରି ବଂଟନ ସଂକ୍ରାନ୍ତୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ସରୋଜ କୁମାର ସାମଲ ଏହି ବୈଠକରେ ଅଧକ୍ଷତା କରି ସମସ୍ତ ଅଧିକାରୀଙ୍କୁ ଜିଲ୍ଲାରୁ ମ୍ୟାଲେରିଆ ତଥା ଫାଇଲେରିଆ ନିରାକରଣ ପାଇଁ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେବାସହ ସବୁ ବିଭାଗ କୋଭିଡ ନିର୍ଦ୍ଦେଶାବଳୀର ଅନୁପାଳନ ସହ ଏ ଦିଗରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ସଠିକ ପ୍ରସ୍ତୁତି ଓ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଅଧିକାରୀ ଡାକ୍ତର ମଦନମୋହନ ପ୍ରଧାନ ଏଥିରେ ଅଂଶ ଗ୍ରହଣ କରି ଝାରସୁଗୁଡାକୁ ମ୍ୟାଲେରିଆ ତଥା ଫାଇଲେରିଆ ନିରାକରଣ କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲା ଭାବରେ ପରିଗଣିତ କରିବା ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ ।ସେହିପରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନ ଏ ଦିଗରେ ସହଯୋଗ କରିବା ସହ ଜଣେ ଜଣେ ଅଧିକାରୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ ।ଏ କ୍ଷେତ୍ରରେ ସମସ୍ତ ବୈଷୟିକ ସହାୟତା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରଦାନ କରିବ । ପ୍ରତି ବ୍ଲକ ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ମଶା ଲାର୍ଭାଖିଆ ମାଛ କୁଣ୍ଡ ତିଆରି କରିବାକୁ କୁହାଯାଇଛି ।ସେହିପରି ଔଷଧ ଉପଚାରିତ ମଶାରୀର ବଂଟନ ଓ ଏହାର ନିୟମିତ ବ୍ୟବହାରର ଉପକାରିତା ସମ୍ପର୍କରେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା କରାଯାଇଥିଲା ।ପ୍ରତି ଗ୍ରାମ ତଥା ପଂଚାୟତ ସ୍ତରରେ କିପରି ସୁରୁଖୁରୁରେ ଏହା ବଣ୍ଟନ କରାଯାଇପାରିବ, ସେ ଦିଗରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସ୍ତୁତି ବୈଠକ କରି ମାଇକ୍ରୋପ୍ଲାନ ପ୍ରସ୍ତୁତ କରିବେ ।ସେହିପରି ବ୍ଲକ ତଥା ଜିଲ୍ଲା ସ୍ତରୀୟ ତଦାରଖ କମିଟିରେ ବ୍ଲକ ଓ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ,ବିଭିନ୍ନ ବିଭାଗୀୟ ଅଧିକାରୀ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଶିକ୍ଷାନୁଷ୍ଠାନର ଅଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ ,ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ଏଥିରେ ନିୟୋଜିତ ହେବାକୁ ଥିବା ଅଙ୍ଗନୱାଡ଼ି କର୍ମଚାରୀ , ଆଶା , ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜରମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

ଅତିରିକ୍ତ ଶ୍ରେଣୀଗୃହ ସହ ପ୍ରଧାନ ଶିକ୍ଷକ ନିଯୁକ୍ତି ପ୍ରଦାନ ଦାବି

ନୂଆପଡା,୧୬।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତ ଅନ୍ତର୍ଗତ ବଙ୍କାପୁର ସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନିର୍ମାଣ ସହ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଶିକ୍ଷା କମିଟି ଦାବୀ ପକ୍ଷରୁ ଦାବୀ କରାଯାଇଛି । ସୂଚନାମତେ ବଙ୍କାପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ହେଲେ ଏହି ବିଦ୍ୟାଳୟରେ ୮ ଗୋଟି ଶ୍ରେଣୀ ସକାଶେ ୮ ଗୋଟି ଶ୍ରେଣୀ ଗୃହ ରହିବା କଥା । କିନ୍ତୁ ୮ ଗୋଟି ଶ୍ରେଣୀ ଗୃହ ସ୍ଥାନରେ ମାତ୍ର ୪ ଗୋଟି ଶ୍ରେଣୀ ଗୃହ ରହିଅଛି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ଦେଖା ଦେଉଥିବା ନେଇ ଶିକ୍ଷା କମିଟି ସଭାପତି ସୁଶାନ୍ତ ବେହେରା ଓ ଅନ୍ୟ ସଦସ୍ୟ ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ଲକଡାଉନ ହୋଇଥିବାରୁ ସୁବିଧାରେ ଅତିରିକ୍ତ ଶ୍ରେଣୀ ଗୃହ ସୁବିଧାରେ ନିର୍ମାଣ ହୋଇପାରନ୍ତା ବୋଲି ଜିଲା ପ୍ରଶାସନ ଆଗରେ ଦାବୀ କରି ତୁରନ୍ତ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ଦାବୀ କରିଛନ୍ତି । ଏହା ସହ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ୫ ଜଣ ଶିକ୍ଷକ ନିଯୁକ୍ତ ରହିଥିବା ବେଳେ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟ ଖାଲି ରହିଛି । ବର୍ତମାନ ଏହି ପଦବୀରେ ଜଣେ କନିଷ୍ଠ ଶିକ୍ଷକ ସୁବାଶ ଦାଶ ତୁଲାଉଥିବା ବେଳେ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ଶ୍ରେଣୀ ଗୃହ ସହ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବାକୁ ଶିକ୍ଷା କମିଟିର ପଦ୍ମଲୋଚନ ବେହେରା, ନିରଞ୍ଜନ ହଂସ, ସେମିଖାଇ ଭୋଇ, ଗୋବିନ୍ଦ ହଂସଙ୍କ ସମେତ ଗ୍ରାମବାସୀ ଚୂଡାମଣୀ ବେହେରା, ବେଣୁପାଣି ବେହେରା, କୁନୁ ଚରଣ ବେହେରା, ପୁରୁଷୋତମ ମହାନନ୍ଦ, ଜୟରାମ ତାଣ୍ଡି ପ୍ରମୁଖ ଦାବୀ ଜଣାଇଛନ୍ତି ।

ପାରାଦୀପ ଟ୍ରକ ମାଲିକ ସଙ୍ଘ ଉପରେ ଜିଏସଟି ଏନଫୋର୍ସମେଂଟର ଅଚାନକ ଚଢ଼ାଉ

ପାରାଦୀପ ,୧୬।୧୨ (ନି.ପ୍ର):ଆଜି ସକାଳୁ ପାରାଦୀପ ରେ ପାରାଦୀପ ଟ୍ରକ ମାଲିକ ସଂଘ ଅଫିସ ଉପରେ ପାରାଦୀପ ଜି ଏସ ଟି ର ଏନଫୋର୍ସମେଂଟ ର ଅଚାନକ ଚଢ଼ାଉ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିଥିଲା ।ସମ୍ପୂର୍ଣ୍ଣ ପୋଲିସ ନିରାପତ୍ତା ଅନୁସାରେ ଅଫିସ ରେ ଅଧିକାରୀ ମାନେ ସଂଘର କାଗଜ ପତ୍ର ଗୁଡ଼ିକ ଯାଂଚ ଜାରି ରଖିଛନ୍ତି । ସଙ୍ଘ ର କୌଣସି ସଭ୍ୟ ଅଫିସ ଭିତରକୁ ଯାଇ ପାରୁ ନାହାଁନ୍ତି । ଏ ପର୍ଯ୍ୟନ୍ତ ବିଭାଗୀୟ ତଦନ୍ତ ଅଧିକାରୀ ମାନେ ଯାଂଚ ଉପରେ କୌଣସି ତଥ୍ୟ ପ୍ରଦାନ କରି ନାହାନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପାରାଦୀପ ରେ ୪ ଟି ଟ୍ରକ ମାଲିକ ସଂଘ କାର୍ଯ୍ୟ କରୁଛି । ତାସହିତ ୨ ଟି ହାଓ୍ୱା ସଂଘ ମଧ୍ୟ । ଏହି ମାଲିକ ସଂଘ ଗୁଡ଼ିକ ଅଧିକାଂଶ ଟ୍ରାନ୍ସପୋର୍ଟ କମ୍ପାନୀ ଙ୍କ ଠାରୁ ଟ୍ରକ ମାଲିକ ମାନଙ୍କର ଭଡା ପେମେଂଟ ଗ୍ରହଣ କରି ନିଜେ ମାଲିକ ମାନଙ୍କୁ ପେମେଂଟ ପ୍ରଦାନ କରନ୍ତି ।

ଗାର୍ଡ଼ ବିହୀନ ଟ୍ରେନ୍ ଚଳାଚଳ ପାଇଁ ପୂର୍ବତଟ ରେଳପଥ ଆରମ୍ଭ କଲା ଇଓଟିଟି ସିଷ୍ଟମ୍

ଭୁବନେଶ୍ୱର,୧୬।୧୨ (ନି.ପ୍ର): ଗାର୍ଡ଼ ଓ ବ୍ରେକ୍ ଭ୍ୟାନ୍ ବିହୀନ ଟ୍ରେନ୍ ପରିଚାଳନା ପାଇଁ ଭାରତୀୟ ରେଳପଥ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ଏଣ୍ଡ୍ ଅଫ୍ ଟ୍ରେନ୍ ଟେଲିମେଟ୍ରି (ଇଓଟିଟି) ସିଷ୍ଟମର ତାଳଚେର - ପାରାଦ୍ୱୀପ ସେକ୍ସନରେ ସଫଳ ପରିକ୍ଷଣ ପରେ, ପୂର୍ବ ତଟ ରେଳପଥ ଇଓଟିଟି ବ୍ୟବହାର କରି ଟ୍ରେନ୍ ଚଳାଚଳ କ୍ଷେତ୍ରରେ ଭାରତୀୟ ରେଳପଥ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଇଲେକ୍ଟ୍ରିକ୍ ଲୋକୋ ସେଡ଼୍, ଅନୁଗୁଳ ସଫଳତାର ସହ ଏହାର ପରୀକ୍ଷଣ କରି ଏହାକୁ କାର୍ଯ୍ୟକ୍ଷମ କରିପାରିଛି । ଏଣ୍ଡ୍ ଅଫ୍ ଟ୍ରେନ୍ ଟେଲିମେଟ୍ରି (ଇଓଟିଟି) ସିଷ୍ଟମ ମୁଖ୍ୟତଃ ଟ୍ରେନ୍ ଇଞ୍ଜିନ୍‌ରେ ଲାଗିଥିବା ହଟ୍ (ହେଡ୍ ଅଫ୍ ଟ୍ରେନ୍) ଏବଂ ଟ୍ରେନ୍‌ର ଅନ୍ତିମ ବଗି ସହିତ ଲାଗିଥିବା ଇଓଟି (ଏଣ୍ଡ୍ ଅଫ୍ ଟ୍ରେନ୍) କୁ ନେଇ ଗଠିତ । ଟ୍ରେନ୍ ର ଅବସ୍ଥିତି ସମ୍ବନ୍ଧରେ ସୂଚନା ନିମନ୍ତେ ଇଓଟିଟି ରେ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଜିପିଏସ୍) ମୋଡ୍ୟୁଲ୍ ରହିଥାଏ, ମୋଡ୍ୟୁଲ୍ ଯୋଗାଯୋଗ ପାଇଁ ଗ୍ଲୋବାଲ୍ ସିଷ୍ଟମ୍, ମୋଡ୍ୟୁଲ୍‌ରୁ ସର୍ଭରକୁ ଡ଼ାଟା ସ୍ଥାନାନ୍ତରଣ ପାଇଁ ଏବଂ ଏଚ୍‌ଓଟି (ସମ୍ମୁଖ ୟୁନିଟ୍) ଓ ଇଓଟି (ପଛ ୟୁନିଟ୍) ମଧ୍ୟରେ ଯୋଗାଯୋଗ ଓ ନିୟନ୍ତ୍ରଣ ରକ୍ଷା ନିମନ୍ତେ ରେଡ଼ିଓ ଡ଼ିଭାଇସ୍ ରହିଥାଏ । ଖରାପ ଆଲୋକ ଅବସ୍ଥା ଥିବା ସମୟରେ ଅଟୋମେଟିକ୍ ଅନ୍ ଅଫ୍ ସୁଇଚ୍ ସହିତ ଉଚ୍ଚ କ୍ଷମତା ସମ୍ପନ୍ନ ଭିଜିବିଲିଟି ମାର୍କର ଲାଇଟ୍ ଫ୍ଲାସର୍ ଡ଼ିଭାଇସ୍ ବ୍ୟବସ୍ଥା ଇଓଟି ରେ ରହିଥାଏ । ଲୋକୋମୋଟିଭ୍‌ର କ୍ୟାବିନ୍‌ରେ ଟ୍ରେନ୍‌ର ଅନ୍ତିମ ବଗି ର ବ୍ରେକ୍ ପାୱାର ପ୍ରେସର ଟ୍ରେନ୍ ଡ୍ରାଇଭର୍‌ଙ୍କୁ ହଟ୍ ଡ଼ିସ୍‌ପ୍ଲେ ମାଧ୍ୟମରେ ପ୍ରଦର୍ଶିତ ହୋଇଥାଏ । ଟ୍ରେନ ଚାଳକ ଏୟାର ବ୍ରେକ୍ ବ୍

ମହିଳାକୁ ଘରେ ପଶି ଦୁଷ୍କର୍ମ ଉଦ୍ୟମ, ସ୍ୱାମୀଙ୍କୁ ଇଟାରେ ଛେଚି ଅଭିଯୁକ୍ତ ଫେରାର

ନୀଳଗିରି,୧୬।୧୨ (ନି.ପ୍ର): ଜନୈକ ବିବାହିତା ମହିଳା ଘରେ ଏକୁଟିଆ ଥିବା ର ସୁଯୋଗ ନେଇ ଜନୈକ ଯୁବକ ମହିଳା ସହିତ ଜୋର ଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ମହିଳା ଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ପୁନ୍ଦାଳ ଗ୍ରାମର ଟିକା ସିଂ (୩୫) ଉକ୍ତ ଗ୍ରାମର ଜନୈକ ମହିଳା ଏକୁଟିଆ ଥିବାର ସୁଯୋଗ ନେଇ ମଙ୍ଗଳବାର ସନ୍ଧ୍ୟା ୮ଟା ସମୟରେ ଘରେ ପଶି ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିଲା । ମହିଳାଙ୍କର ଚିତ୍କାର ଶୁଣି ମହିଳାଙ୍କ ସ୍ୱାମୀ ପହଂଚି ଯିବାରୁ ଟିକା ସିଂ ପାଲଟା ଇଟାରେ ତାର ମୁହଁକୁ ଛେଚି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏ ନେଇ ମହିଳା ଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ଖବର ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି ।

ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୬।୧୨ (ନି.ପ୍ର): ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ କମିଟି ବୈଠକ ସଂଗଠନ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ବିଭିନ୍ନ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ସହର ଉପକଣ୍ଠ ଦହପଡ଼ାଠାରେ ଜିଲ୍ଲା ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ବୃଦ୍ଧ ଓ ବୃଦ୍ଧା, ଭିନ୍ନକ୍ଷମ ଓ ନିଶାଗ୍ରସ୍ତଙ୍କ ପୁନର୍ବାସ ଓ ଥଇଥାନ କେନ୍ଦ୍ର ପାଇଁ ସରକାରଙ୍କ ଅର୍ଥବରାଦ, କରୋନା ପ୍ରତିଷେଧକ ଟିକା ପ୍ରଦାନ ଓ ଆସନ୍ତା ବର୍ଷ ଏପ୍ରିଲ ମାସରେ ବରିଷ୍ଠ ନାଗରିକମାନଙ୍କ ଜିଲା ସମ୍ମିଳନୀର ଆୟୋଜନ କରାଯିବା ସମ୍ପର୍କରେ କର୍ମକର୍ତ୍ତା ଓ ସଦସ୍ୟମାନେ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ସଦସ୍ୟ ଭାସ୍କରଚନ୍ଦ୍ର ମହାପାତ୍ର ଓ ସୀତାରାମ ପ୍ରଧାନଙ୍କୁ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା । ଗିରିଶ ଚନ୍ଦ୍ର ଦାଶ, ପ୍ରଫେସର ଅନନ୍ତ କୁମାର ପ୍ରଧାନ, ବିଷ୍ଣୁ ପ୍ରସାଦ ମହାନ୍ତି, ନିରୁପମା ସେଠୀ, ଗୋପୀନାଥ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଯଶୋଦା ନନ୍ଦନ ଆଶ୍, ସୀତାରାମ ପ୍ରଧାନ, ଭାସ୍କର ଚନ୍ଦ୍ର ମହାପାତ୍ର, ଡ. ପଦ୍ମଲୋଚନ ପାତ୍ର, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ । ଏଥି ସହିତ ମଞ୍ଚର ସଦସ୍ୟ ଅକ୍ଷୟ କୁମାର ତ୍ରିପାଠିଙ୍କ ଦିବଂଗତ ମାଆଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସମ୍ପାଦକ ଦେବେନ୍ଦ୍ର ନାଥ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ନବକୃଷ୍ଣ ପୋଥାଳ ସଭା କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ରାମନାଗୁଡ଼ା ହାଇସ୍କୁଲରେ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ

ଗୁଣୁପୁର,୧୬।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ନିମଂ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷାରେ ତୃତୀୟ ଶ୍ରେଣୀ ନିମଂ ୪୯ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୪୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ।ସେହିପରି ପଞ୍ଚମ ଶ୍ରେଣୀ ନିମଂ ୫୧ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩ଜଣ ଅନୁପସ୍ଥିତ ରହିଥିଲେ । ପରୀକ୍ଷା ସୁପରିଚାଳନା ପାଇଁ ସୁପରିଟେଣ୍ଡେଣ୍ଟ ଭାବେ ବିନୋଦ ଚନ୍ଦ୍ର ଗାଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ନିରୀକ୍ଷକ ରୂପେ ଏବିଇଓ ଦାମୋଦର ହିମିରିକା, ପ୍ରଧାନଶିକ୍ଷକ ସ୍ମିତାରାଣୀ ତୁଳ ଦାୟିତ୍ୱ ତୁଲାଇଥିଲେ । ବିଇଓ ସୂଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶାଂ ଶୃଙ୍ଖଳା ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

ମେଗା ରକ୍ତଦାନ ଶିବିର ଲାଗି ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୧୬/୧୨ (ନିପ୍ର) : କୋଭିଡ୍ କଟକଣା ସମୟରେ ଥେଲାସେମିଆ ଓ ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ ରକ୍ତ ଯୋଗାଇବା ପାଇଁ ରକ୍ତ ଭଣ୍ଡାରରେ ଯଥେଷ୍ଟ ପରିମାଣରେ ରକ୍ତର ଅଭାବ ଦେଖା ଦେଇଥିବାରୁ ଏବେ ବିଭିନ୍ନ ସ୍ୱଚ୍ଛୋସେବୀ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ବାଲେଶ୍ୱର ଜିଲାରେ ୬୫୦ରୁ ଉର୍ଦ୍ଧ୍ୱ ଥେଲାସେମିଆ ରୋଗୀ ରହିଛନ୍ତି । ଚଳିତ ୨୦୨୦ର ଶେଷରେ ଅର୍ଥାତ୍ ଡିସେମ୍ବର ୨୭ ତାରିଖ ରବିବାର ଦିନ ଜଳେଶ୍ୱର ଗ୍ୟାରେଜ ବଜାର ନିକଟରେ ବୁଖାରୀବାବା ସପ୍ଲାୟାର ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବାର ପ୍ରସ୍ତିତ ବୈଠକ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିବା ବେଳେ ଆୟୋଜକ ସେକ୍ ଇସ୍‌ଲାମ୍, ଅନୁଷ୍ଠାନର ମୁଖ୍ୟ ସେକ୍ ସାଜନ୍, ସେକ୍ ଅବଦୁଲ ରହିମ୍, ରିଆଜ୍ ଖାନ୍, ପ୍ରତାପ କେଶରୀ ମହାପାତ୍ର (ବଣ୍ଟା), ସେକ୍ ନୌସାଦ, ବିଦ୍ୟୁତ୍ ପାଲ, ଇସ୍ମାଲ ଖାନ୍, ଏସ୍ କେ ସାମସେର୍, ସତ୍ୟରଂଜନ ମହାପାତ୍ର, ସଂଜିବ ମହାନ୍ତ, ଇନ୍‌ତାଜ୍ ଖାନ୍, ଏସ୍.କେ ସାପିର୍, ମୋତି ଖାନ୍, ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

୩ଟି ବାଲି ଖାଦାନ ବର୍ଷକୁ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ ଶେଷ

ନୀଳଗିରି,୧୬।୧୨ (ନି.ପ୍ର): ନୀଳଗିରି ତହସିଲ ପକ୍ଷରୁ ୩ଟି ବାଲିଖାଦାନ ୫ବର୍ଷିଆ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥିବା ବେଳେ ମଙ୍ଗଳବାର ଦିନ ଟେଣ୍ଡର ପେପର ଗ୍ରହଣ ର ଶେଷ ତାରିଖ ଥିବା ବେଳେ ମୋଟ ୩୨ଜଣ ଟେଣ୍ଡର ଧାରୀ ନିଜ ନିଜର କାଗଜପତ୍ର ପକାଇଥିଲେ । ବୁଧବାର ଦିନ ଟେଣ୍ଡର ପେପର ଖୋଲା ଯାଇଥିବା ବେଳେ ବାଲିପାଳ ବାଲି ଖାଦାନକୁ ସର୍ବୋଚ୍ଚ ମୂଲ୍ୟ ବର୍ଷକୁ ୩୨ ଲକ୍ଷ ୭୬ହଜାର ଟଙ୍କାରେ ପ୍ରଶାନ୍ତ ମହାନ୍ତି ପାଇଥିବା ବେଳେ, ପ୍ରତାପପୁର ବାଲିଖାଦାନକୁ ବର୍ଷକୁ ୭୬ଲକ୍ଷ ୭୫ହଜାର ଟଙ୍କା ରେ ଜିତେନ୍ଦ୍ର ରାଉତ ପାଇଛନ୍ତି । ସେହିପରି ବଇଁଝନରଣପୁର-୧ ବାଲିଖାଦାନକୁ ବାର୍ଷିକ ସର୍ବୋଚ୍ଚ ୯୮ ଲକ୍ଷ ୬୪ ହଜାର ଟଙ୍କାରେ ପ୍ରବୀଣ ନାୟକ ପାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଆଜିର ଟେଣ୍ଡର ଖୋଲିବା ସମୟରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା, ଏସ.ଡି.ପି.ଓ. ରୀତେଶ ମହାପାତ୍ର, ତହସିଲଦାର ଅଶେଷ କୁମାର ନାୟକ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା କୁ ଆଖି ଆଗରେ ରଖି ତହସିଲ କାର୍ଯ୍ୟାଳୟ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । କୌଣସି ଅପ୍ରିତିକର ପରିସ୍ଥିତି ଉପୁଜି ନ ଥିବା ବେଳେ ତହସିଲ ଅଞ୍ଚଳରୁ ୧୪୪ ଧାରାକୁ ପ୍ରତ୍ୟାହାର କରାଯାଇଅଛି ।

ନବ ନିର୍ବାଚିତ ବାର ଆସୋସିଏସନ କର୍ମକର୍ତ୍ତାଙ୍କ ଶପଥପାଠ

ବାଲେଶ୍ୱର,୧୬।୧୨ (ନି.ପ୍ର): ବାଲେଶ୍ୱର ବାର ଆସୋସିଏସନର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ପାଠ କରିଛନ୍ତି । ଏହି ପରିପ୍ରେକ୍ଷୀରେ କଚେରୀ ହତାସ୍ଥିତ ୨ ନମ୍ବର ବାରରେ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ଗତ ନିର୍ବାଚନ ପରିଚାଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆଇନଜୀବୀ କାର୍ତ୍ତିକ ପ୍ରସାଦ ସି ଏଥିରେ ପୌରୋହିତ୍ୟ କରିଥିଲେ । ବାଲେଶ୍ୱର ବାର ଆସୋସିଏସନର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସେମାନଙ୍କ ପଦ ଓ ଗୋପନୀୟତା ସମ୍ପର୍କରେ ଶପଥ କରାଇଥିଲେ । ନବ ନିର୍ବାଚିତ ସଭାପତି ରଘୁନାଥ ପ୍ରଧାନ, ସମ୍ପାଦକ ସମିତ୍ ନନ୍ଦି, ଉପ-ସଭାପତି ନୃସିଂହ ଚରଣ ନାୟକ, ସହ-ସମ୍ପାଦକ ସୂର୍ଯ୍ୟକାନ୍ତ କର ଓ ବସନ୍ତ ପ୍ରଧାନ, କୋଷାଧ୍ୟକ୍ଷ ଶକ୍ତିଧର ସାନ୍ତରା, ସହ-କୋଷାଧ୍ୟକ୍ଷ ଅନ୍ନପୂର୍ଣ୍ଣା ରାଉତଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ରଂଜିତ୍ ପଣ୍ଡା, ଚନ୍ଦ୍ରକାନ୍ତ ଜେନା, କିଶୋର ବଲ୍ଲଭ ଦାସ, ରୀତାଞ୍ଜଳି ନନ୍ଦ, ବାସନ୍ତି ସାହୁ, ପ୍ରଭାତ କୁମାର ଦାସ, ଜ୍ଞାନରଂଜନ ପାଣି, ମହମ୍ମଦ ଇସଲାମ, ମମତା ବେହେରା, ବିଜୟ ପରିଡ଼ା, ଅର୍ଜୁନ ମହାନ୍ତି ଓ ରାମକୃଷ୍ଣ ଜେନା ପ୍ରମୁଖ ନବନିର୍ବାଚିତ କର୍ମକର୍ତ୍ତାମାନେ ଏଥିରେ ଶପଥ ପାଠ କରିଥିଲେ । ସ୍ୱଚ୍ଛ ସମୟର ଅବଧି ମଧ୍ୟରେ ବାଲେଶ୍ୱରର ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସାମାଧନ ଦିଗରେ ଉଚିତ ପଦକ୍ଷେପ ନେବେ ବୋଲି ସଭାପତି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ବିଶେଷ କରି ନୂଆ ଭାବେ ଓକିଲାତି କରିବାକୁ ଆସୁଥିବା ଯୁବକ ଯୁବତୀଙ୍କ ସାମାଜିକ ସୁରକ୍ଷା ପାଇଁ ଜିଲାସ୍ତରରେ ଆଇନଜୀବୀ କଲ୍ୟାଣପାଣ୍ଠି କାର୍ଯ୍ୟକାରୀକୁ ପ୍ରାଥମିକତା ଦେବେ ବୋଲି ସେ ସଭାପତି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ଅନୁରୂପ ଭାବେ ସ୍ୱଚ୍ଛ ସମୟ ମଧ୍ୟରେ ଅଧୁରା ଥିବା ଲାଇବ୍ରେରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ଯତ୍ନବାନ ହେବେ ବୋଲି ସମ୍ପାଦକ ଶ୍ରୀ ନନ୍ଦି ପ୍ରତିଶ୍ରୁତି ଦେଇଛନ୍ତି ।

ଗଛରେ ବାଡେଇ ହୋଇ ଯୁବକ ଗୁରୁତର

ବାରିପଦା,୧୬।୧୨ (ନି.ପ୍ର): ଆଜି ସଂଧ୍ୟରେ ବାରିପଦା ଲୁଲୁଇ ରାସ୍ତାର ଶିବଜାମବଣି ଠାରେ ଜଣେ ଯୁବକ ମଟର ସାଇକେଲରେ ଯାଉଥିବା ସମୟରେ ଏକ ଗଛରେ ବାଡେଇ ହୋଇ ଗୁରୁତର ଆହତ ହୋଇଥିବାର ଖବର ମିଳିଛି । ଯୁବକ ଜଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ତାର ମୁଣ୍ଡରେ ଜୋରରେ ଆଘାତ ଲାଗିଥିବାରୁ ଅବସ୍ଥା ଗୁରୁତର ଥିବାର ଜଣାଯାଇଛି । ଯୁବକ ଜଣକ ନିକଟରୁ ଏକ ଭୋଟ ପରିଚୟ ପତ୍ର ମିଳିଛି ଯେଉଁଥିରେ ନାମ ଶତ୍ରୁଘ୍ନ ମଡେଇ ପିତା ଆଦିକନ୍ଦ ମଡେଇ ଘର ବାରିପଦା ସଦର ଥାନା ଅନ୍ତର୍ଗତ କୋଚିଲା ଘାଟି ବୋଲି ଜଣାଯାଇଛି ।

ବିଜେପି ପକ୍ଷରୁ ପ୍ରେସମିଟ : ପରୀକୁ ନ୍ୟାୟ ଦାବିରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି

ଡିସେମ୍ବର ୨୪ରେ ବାଲେଶ୍ୱରରେ ହେବ କୃଷକ ସମାବେଶ

ବାରିପଦା,୧୬।୧୨ (ନି.ପ୍ର): ନୀକଟ ଅତୀତରେ ନୟାଗଡ ଯଦୁପୁର ଗ୍ରାମର ପରୀ ନିଖୋଜ ଓ ହତ୍ୟା ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ସମ୍ପୃକ୍ତି ନେଇ ଖୋଦ ପରୀର ପିତା ମାତା, ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଥିବା ବେଳେ, ମନ୍ତ୍ରୀ ଅରୁଣ ସାହୁଙ୍କ ଫୋନକଲ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିବା ବେଶ ସମ୍ବେଦନଶୀଳ ବିଷୟ । ବିଜେପି ବିଧାନ ସଭା ଭିତରେ ଓ ବିଧାନସଭା ବାହାରେ ପରୀକୁ ନ୍ୟାୟ ପାଇଁ ଅରୁଣ ସାହୁଙ୍କ ମନ୍ତ୍ରୀପଦରୁ ଇସ୍ତଫା ଦାବୀକରି ଆସୁଛି । ଓଡିଶା ସରକାର ବଧିର ପାଲଟି ଯାଇଥିବାରୁ ଏବେ ପରୀକୁ ନ୍ୟାୟ ଦାବୀରେ ସାରା ଓଡିଶାର ୧୪୭ ଟି ବିଧାନସଭା କ୍ଷେତ୍ରରେ ଅନ୍ୟୁନ ୧୦ କି.ମି. ପଦଯାତ୍ରା ବିଜେପି ପକ୍ଷରୁ କରାଯିବ ବୋଲି ବିଜେପିର ବିଧାୟକ ଦଳ ଉପନେତା ତଥା ଜିଲ୍ଲା ପ୍ରଭାରୀ ବିଧାୟକ ବିଷ୍ଣୁ ସେଠୀ ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେହିପରି ବିଜେପି ରାଜ୍ୟ ସମ୍ପାଦକ ଗୋଲକ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ନବ ଓଡିଶାର ନିର୍ମାଣରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ଯଥେଷ୍ଟ ଅବଦାନ ରହିଥିଲେ ମଧ୍ୟ ଆସନ୍ତା ଡିସେମ୍ବର ୧୭ ତାରିଖ ତାଙ୍କର ୧୫୦ ତମ ଜନ୍ମଜୟନ୍ତୀ ପାଳନ ପାଇଁ ସରକାର କୌଣଷି ସ୍ୱତନ୍ତ୍ର ପଦକ୍ଷେପ ନନେଇ କେବଳ ଫୁଲମାଳ ଦେବାରେ ସୀମିତ ରଖିବା ତାଙ୍କ ପାଇଁ ଏବଂ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଅବମାନନା ବୋଲି କହିବା ସହିତ କେନ୍ଦ୍ର ସରକାର ଆଣିଥିବା ନୂତନ କୃଷିବିଲ ଚାଷୀଙ୍କ ଆୟ ବଢାଇବା ପାଇଁ ଉଦିଷ୍ଟ । କିଛି ନ୍ୟସ୍ତ ସ୍ୱାର୍ଥ ଦଳ ଓ ଗୋଷ୍ଠୀ ଚାଷୀ ମାନଙ୍କୁ ବିଭ୍ରାନ୍ତ କରୁଥିବାରୁ ଅଗାମୀ ଡିସେମ୍ବର ୨୪ ତାରିଖରେ ବାଲେଶ୍ୱର ଠାରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଚାଷି ମାନଙ୍କୁ ନେଇ ବିଜେପି ପକ୍ଷରୁ ଏକ ଚାଷୀ ସମାବେଶ କରାଯାଇ କେନ୍ଦ୍ର ସରକାରଙ୍କ କୃଷି ବିଲ ପଛରେ ରହିଥିବା ପ୍ରକୃତ ଉଦେଶ୍ୟ ବାବଦରେ ସଚେତନ କରାଯିବ ବୋଲି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମୟୂରଭ ଜିଲ୍ଲା (ପୂର୍ବ) ବିଜେପି ସଭାପତି କାନ୍ଦ୍ରା ସୋରେନ ସଭାପତିତ୍ୱ କରିଥିବା ବେଳେ ମୟୂରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ, ଜିଲ୍ଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ବୁଜାନ ମୁର୍ମୁ, କେନ୍ଦୁଝର ବିଧାୟକ ମୋହନ ଜେନା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

'ପରୀ' ପୋଷାକରେ ....

ଜୁଲାଇ ୧୪ ତାରିଖରେ ଗାଁ ଦାଣ୍ଡରେ ଖେଳୁଥିଲା ପରୀ । ଏହି ସମୟରେ ସେ ହଠାତ ନିଖୋଜ ହୋଇ ଯାଇଥିଲେ । ତା'ର ୯ ଦିନ ପରେ ଅର୍ଥାତ ଜୁଲାଇ ୨୩ ତାରିଖରେ ଘର ବାଡିପଟୁ ଏକ ବସ୍ତାରେ ବନ୍ଧା ଥିବା ଅବସ୍ଥାରେ ପରୀର ହାଡ଼ ଉଦ୍ଧାର କରିଥିଲା ପୁଲିସ । ତେବେ ଏଠି ପ୍ରଶ୍ନ ଉଠୁଛି, ଘଟଣାର ୫ ମାସ ପରେ ଏସ୍‌ଆଇଟି ହାତରେ ଲାଗିଥିବା ଏ ତଥ୍ୟ ତଦନ୍ତର କେଉଁ ପର୍ଯ୍ୟାୟରେ ଜଣାପଡ଼ିଲା ମୃତଦେହର ବ୍ୟବଚ୍ଛେଦ ଓ ଫରେନ୍‌ସିକ ଯାଞ୍ଚ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଥିଲା ତ ଯଦି ଆସିଥିଲା, ତାହାହେଲେ କାହିଁକି ପୁଲିସ ସାମ୍ନାକୁ ଆଣୁ ନଥିଲା ଏହା ପଛର କଣ କାରଣ ହୋଇପାରେ ଦୁଷ୍କର୍ମ ଦିଗକୁ ଚପାଇ ଦିଆଯିବାର ଉଦ୍ୟମ ହୋଇନଥିଲା ତ ଏବେ ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଅନେକ କୁହେଳିକା ସୃଷ୍ଟି କରିଛି ।

ଫେସବୁକ୍ ଲାଇଭ୍ ...

ଏହା ପୂର୍ବରୁ ସେ ୩୦ଟି ସ୍ଲିପିଂ ପିଲ୍ ଖାଇଛନ୍ତି ବୋଲି କହିଛନ୍ତି । ସେ ଏକ ଡାଏରି ଦେଖାଉଛନ୍ତି ଓ ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ସବୁ ଦାୟୀ ସେ ସେମାନଙ୍କ ନାମ ସେ ଡାଏରିରେ ଲେଖିଛନ୍ତି ବୋଲି କହିଛନ୍ତି । ଭିଡିଓ ସହ ଡାଏରି ଛାଡ଼ି ଯାଉଛି । ଯେଉଁମାନେ ତାଙ୍କ ମୃତ୍ୟୁ ଲାଗି ଦାୟୀ ସେମାନଙ୍କ ନାମ ସେ କହୁଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଗତ ଜୁଲାଇ ୭ରେ ତାରିଖ ସକାଳେ ଆଦିତ୍ୟ ଦାଶଙ୍କ ମୃତଦେହ ରେଳ ଧାରଣାରୁ ମିଳିଥିଲା । ଏହା ପରେ ଆରପିଏଫ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଥିଲା । ତେବେ ମାନବପ୍ରେମିଙ୍କ ସଙ୍ଗଠନର କାର୍ଯ୍ୟକର୍ତା ଏହାକୁ ସହଜରେ ଗ୍ରହଣ କରିପାରୁନଥିଲେ । ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଦିତ୍ୟଙ୍କ ସାଙ୍ଗ ପପୁ, ବିକାଶ, ବିଦ୍ୟାଶ୍ରୀ, ବିଦ୍ୟାଶ୍ରୀଙ୍କ ପରିବାର ଓ ଘର ମାଲିକଙ୍କୁ ଜେରା କରିଥିଲା । ମାତ୍ର କୌଣସି ନିଷ୍କର୍ଷରେ ପହଂଚି ପାରୁନଥିଲା । ପରେ ଆଦିତ୍ୟ ଦାଶ ମୃତ୍ୟୁ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଂଚ କୁ ଦିଆଯାଇଛି । ଘଟଣାରେ କ୍ରାଇମବ୍ରାଂଚ ବିଦ୍ୟାଶ୍ରୀଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଜେରା କରିଛି ।

ଇନ୍ଦୋର ଠାରେ ...

ସ୍ୱାଧୀନତାର ୭ ଦଶନ୍ଧିରେ ଦେଶର ଚାଷୀ ମାନଙ୍କର ବିକାଶ ପାଇଁ ଯାହା କରାଯାଇପାରିନଥିଲା, ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ୬ ବର୍ଷର ଶାସନରେ ତା'ଠାରୁ ଅଧିକ

ଗୁରୁବାର, ୧୭ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ନାରୀ ହିଂସା ପ୍ରତିରୋଧ ସଚେତନତା ପକ୍ଷ ପାଳିତ

ବାରିପଦା,୧୬।୧୨ (ନି.ପ୍ର): ସାମ୍ପ୍ରତିକ ସମୟରେ ସକଳ ସୃଷ୍ଟିର ଆଧାର କୁହାଯାଉଥିବା ନାରୀ ସମାଜ ଉପରେ ହିଂସା ତଥା ବିଭିନ୍ନ ପ୍ରକାର ଶୋଷଣର ମାତ୍ରା ସମାଜରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ପକ୍ଷ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବାରିପଦା ସ୍ଥିତ ଆରଡିସି ଉଜ୍ଜ୍ୱଳା ସଭାଗୃହ ଠାରେ ନାରୀ ହିଂସା ପ୍ରତିରୋଧ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୌମ୍ୟରୂପ ସାହୁ ଯୋଗ ଦେଇଥିଲେ। ଆଜିର ସମାଜରେ ନାରୀ ମାନଙ୍କ ଉପରେ ହେଉଥିବା ମାନବିକ ଅତ୍ୟାଚାର ହିଂସା ତଥା ଏହାର ପ୍ରତିରୋଧ ନିମନ୍ତେ କିପରି ଆମେ ସଚେତନ ହେବା ସେହି ବାବଦରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ୪୫ଜଣରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇ ନାରୀ ସଚେତନତା ବାବଦରେ ଆଲୋଚନା କରିଥିଲେ। ସମସ୍ତ ସରକାରୀ କୋଭିଡ କଟକଣା ପାଳନ ପୂର୍ବକ ଏହି ସଚେତନତା ପକ୍ଷ କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ତେବେ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଂଯୋଜକ ରବିନ୍ଦ୍ର କୁମାର ମହାନ୍ତି ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ସବୁ ବର୍ଗର ସାମାଜିକ ଅତ୍ୟାଚାରର ଶିକାର ହୋଇଥିବା ମହିଳା ମାନେ ମଧ୍ୟ ଯୋଗ ଦାନ କରିଥିଲେ।

ବିଏସଏନଏଲ ଠିକା ଶ୍ରମିକଙ୍କ ବକେୟା ଦରମା ଓ ସ୍ଥାୟୀ ନିଯୁକ୍ତି ପାଇଁ ଦାବୀ

ବାରିପଦା,୧୬।୧୨ (ନି.ପ୍ର): ଆଜି ବାରିପଦା ସ୍ଥିତ ରୋଟାରୀ କ୍ଲବ ଠାରେ ବିଏସଏନଏଲ ଠିକା ଶ୍ରମିକ ସଂଘର ଏକ ବୈଠକ ଅନୁଷ୍ଠିତ କରାଯାଇଛି। ଉକ୍ତ ବୈଠକରେ ମୟୂରଭ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ ଅତିଥି ଭାବରେ ଯୋଗ ଦେଇ ଠିକା ଶ୍ରମିକ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଶ୍ରମିକ ମାନେ ଦୀର୍ଘ ୨୦ ରୁ ୨୫ ବର୍ଷ ନିସ୍ୱାର୍ଥପର ଭାବେ ପ୍ରଥମେ ଡି.ଓ.ଟି. ଏବଂ ପରେ ବିଏସଏନଏଲ ରେ ଶ୍ରମ ଦାନ କରିଆସୁଛନ୍ତି । ଡି.ଓ.ଟି. ରେ କାମ କରିବା ସମୟରେ ସେମାନେ ଅଫିସରୁ ଏସିଜି-୧୭, ଏସିଜି - ୨ ଦ୍ୱାରା ପାରିଶ୍ରମିକ ପାଇଥିଲେ। କିନ୍ତୁ ବିଏସଏନଏଲ ରେ ଆଉଟସର୍ସ ମେନପାୱାର ର ଠିକା ଶ୍ରମିକ ଭାବରେ ୨୫ ଦିନର ମଜୁରୀରେ ୩୦ ଦିନ କାମ କରୁଥିଲେ ଏବଂ ଇପିଏଫ ଓ ଇଏସଆଇ ର ସୁବିଧା ମଧ୍ୟ ପାଉଥିଲେ । ଧୀରେ ଧୀରେ ମେନ ପାୱାର ଟେଣ୍ଡରରେ କାର୍ଯ୍ୟ ଦିବସକୁ କମାଇ ୧୮ ଦିନ ଏବଂ ପରେ ୧୫ ଦିନର ମଜୁରୀରେ ୩୦ ଦିନ କାର୍ଯ୍ୟ କରୁଥିଲେ। ଏହି କରୋନା ମହାମାରୀ ସମୟରେ ମଧ୍ୟ ସେମାନେ କୌଣସି କାର୍ଯ୍ୟରେ ଅବହେଳା କରିନାହାନ୍ତି କିନ୍ତୁ ସେମାନଙ୍କ ୮/୯ ମାସ ମଜୁରୀ ଏବଂ ଇପିଏଫ, ଇଏସଆଇ ଏଯାଏ ଜମା ହୋଇନାହିଁ ଏବଂ ଗତ ୩୦-୦୬-୨୦୨୦ ରିଖରେ ଠିକାଦାର ମାନଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଛି ଯେ, ମେନପାୱାର ଟେଣ୍ଡରକୁ ବନ୍ଦ କରି ଅନ୍ୟ ଦୁଇଟି କ୍ଲଷ୍ଟର ଏବଂ ହାବ ଏକ ପ୍ରକାର ଟେଣ୍ଡର ମାଧ୍ୟମରେ କାର୍ଯ୍ୟକରିବା ପାଇଁ। ଯାହା ଦ୍ୱାରା ଠିକାଦାର ମାନେ ମନଇଚ୍ଛା ସ୍ୱଳ୍ପ ପାରିଶ୍ରମିକ ଦେଇ ଶ୍ରମିକ ମାନଙ୍କୁ କାମ କରାଇବେ ଓ ଇପିଏଫ ଓ ଇଏସଆଇ ମଧ୍ୟ ଦେବାକୁ ପଡିବ ନାହିଁ । ଏ ବାବଦରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ ବୋଲି ଶ୍ରମିକ ମାନେ ସାଂସଦଙ୍କୁ ଜଣାଇଥିଲେ । ତେଣୁ ଶ୍ରମିକ ମାନେ ସାଂସଦଙ୍କୁ ତାଙ୍କର ବକେୟା ଦରମା, ଇପିଏଫ ଓ ଇଏସଆଇ ଏବଂ ଚାକିରୀକୁ ସ୍ଥାୟୀ କରିବା ପାଇଁ ନିବେଦନ କରିବା ସହ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଆଲୋଚନା ପରେ ସାଂସଦ ଶ୍ରୀ ଟୁଡୁ ଦୁଃଖ ପ୍ରକାଶ କରିବା ସହ ଶ୍ରମୀକ ମାନଙ୍କ ସମସ୍ୟା କୁ ଟିଡିଏମ ବାରିପଦା, ସର୍କଲ ଅଫିସ ଭୁବନେଶ୍ୱର ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଙ୍କ ସହିତ ଅଲୋଚନା କରି ଯଥା ସମ୍ଭବ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ବାଲିଘାଟ ରାସ୍ତା ସଂପ୍ରସାରଣ ପ୍ରକଳ୍ପ ଶିଳାନ୍ୟାସ

ବାଲେଶ୍ୱର,୧୬।୧୨ (ନି.ପ୍ର): ବାଲେଶ୍ୱର ସହର ସହ ସଦର ବ୍ଲକର ଏକାଧିକ ପଞ୍ଚାୟତକୁ ଯୋଡୁଥିବା ବାଲିଘାଟ ପୋଲ ଆପ୍ରୋଚ ରୋଡ଼ର ସଂପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ଯୋଗଦେଇ ଏହି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ପକାଇଥିଲେ। ସଦର ବ୍ଲକର ୨୦ ଗୋଟି ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ଆଗାମୀ ଦିନରେ ଏହାକୁ ପରିଖି ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ଲକ୍ଷ୍ୟ ରହିଥିବା ସେ ସୂଚନା ଦେଇଥିଲେ। ତେବେ କାର୍ଯ୍ୟର ଗୁଣବତ୍ତା ବଜାୟରଖିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପନ୍ନ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ବିଭିନ୍ନ ସମସ୍ୟା ସମାଧାନ ନେଇ ଗତ ଉପ-ନିର୍ବାଚନରେ ବିଜେଡି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ସେ କହିଥିଲେ।

ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବଇଁଚା ପଞ୍ଚାୟତ ସମିତି ସଭ୍ୟା ଗୀତାଞ୍ଜଳି ତରାଇ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ବିଜେଡି ନେତା ଶକ୍ତିପଦ ରାୟ, ଅନିରୁଦ୍ଧ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାଳିକ, ଅନିରୁଦ୍ଧ ଦାସ, ପ୍ରସନ୍ନ ଜେନା, ମଧୁସୂଦନ ମହାପାତ୍ର, ବିଜୟ ପ୍ରଧାନ, ନିରଂଜନ ବଢ଼େଇ ପ୍ରମୁଖ ଏହି ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ରାଜ୍ୟ ଯୋଜନା ଅନୁଦାନରେ ଗୁଜୁରି ବଜାର ଛକଠାରୁ ବାଲିଘାଟ ପୋଲ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ମୋଟ ୨କୋଟି ୫୩ ଲକ୍ଷ ୮୩ ହଜାର ୩୮୮ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି ରାସ୍ତାର ଓସାର ୪ ମିଟରରୁ ୭ ମିଟରକୁ ବୃଦ୍ଧି କରାଯାଇଥିବା ସେ କହିଥିଲେ। ତେବେ ଆସନ୍ତା ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରହିଥିବା ଯନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

ଐତିହାସିକ ଦିବାରାତ୍ର ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆ ଘୋଷିତ : ପନ୍ତ ଆଉଟ

ଆଡିଲେଡ୍: ଭାରତ ଓ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଅଷ୍ଟ୍ରେଲିଆ ବିପକ୍ଷ ଚାରିମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ବୁଧବାର ଏହି ତାଲିକା ଜାରି କରିଛି। ପ୍ରଥମ ମ୍ୟାଚ୍ ପାଇଁ ଭାରତ ଆଶାମୁତାବକ ପରିବର୍ତ୍ତନ କରିନାହିଁ। ଅଭିଜ୍ଞ ୱିକେଟକିପର ଋଦ୍ଧିମାନ ସାହାଙ୍କୁ ୱିକେଟକିପିଂ ଦାୟିତ୍ୱ ମିଳିଛି। ଫଳରେ ଅଭ୍ୟାସ ମ୍ୟାଚରେ ଶତକ ମାରିଥିବା ଋଷଭ ପନ୍ତ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଯୁବ ବ୍ୟାଟ୍ସମ୍ୟାନ୍ ପୃଥ୍ୱୀ ଶ'ଙ୍କୁ ମଧ୍ୟ ସାମିଲ୍ କରାଯାଇଛି। ତେବେ ଜବରଦସ୍ତ ଫର୍ମରେ ଥିବା ଲୋକେଶ ରାହୁଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିନାହିଁ। ଅଭ୍ୟାସ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ମ୍ୟାନେଜମେଣ୍ଟ ଶୁବମନ୍ ଗିଲଙ୍କୁ ସୁଯୋଗ ଦେଇନାହିଁ। ଫଳରେ ମୟଙ୍କ ଅଗ୍ରୱାଲଙ୍କ ସହ ପୃଥ୍ୱୀ ଶ' ଓପନ୍ କରିବେ। ଶ' ଦୁଇଟି ଯାକ ୱାର୍ମଅପ୍ ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଯଥାକ୍ରମେ ୦,୧୯, ୪୦ ଓ ୩ ରନ୍ କରିଥିଲେ। ଚେତେଶ୍ୱର ପୂଜାରା ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ତାଙ୍କ ପରକୁ କ୍ୟାପଟେନ୍ ବିରାଟ୍ କୋହଲି, ଭାଇସ୍ କ୍ୟାପଟେନ୍ ଆଜିଙ୍କ୍ୟ ରାହାଣେ, ହନୁମା ବିହାରୀ ରହିଛନ୍ତି। ବୋଲିଂ ଡିପାର୍ଟମେଣ୍ଟରେ ରବିଚନ୍ଦ୍ରନ୍ ଅଶ୍ୱିନ୍ ଏକମାତ୍ର ସ୍ପିନର ଭାବେ ସ୍ଥାନ ପାଇଥିବା ବେଳେ ପେସ୍ ବ୍ୟାଟେରୀ ସମ୍ଭାଳିବେ ଉମେଶ ଯାଦବ, ମହମ୍ମଦ ଶାମି ଓ ଯଶପ୍ରୀତ ବୁମ୍ରା। ସୂଚନାଯୋଗ୍ୟ, ଆସନ୍ତାକାଲି ଆଡିଲେଡରେ ପିଙ୍କ୍ ବଲରେ ମ୍ୟାଚ୍ ଖେଳାଯିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହା ପ୍ରଥମ ଦିବାରାତ୍ର ଟେଷ୍ଟ ହେବ। ଚୂଡ଼ାନ୍ତ ଏକାଦଶ: ବିରାଟ୍ କୋହଲି (କ୍ୟାପଟେନ୍), ମୟଙ୍କ ଅଗ୍ରୱାଲ୍, ପୃଥ୍ୱୀ ଶ', ଚେତେଶ୍ୱର ପୂଜାରା, ଆଜିଙ୍କ୍ୟ ରାହାଣେ, ହନୁମା ବିହାରୀ, ଋଦ୍ଧିମାନ ସାହା, ରବିଚନ୍ଦ୍ରନ୍ ଅଶ୍ୱିନ୍, ଉମେଶ ଯାଦବ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍ରା।

ବିଜେପି ଓଡିଶା ପ୍ରଦେଶ ତରଫରୁ ରାଜ୍ୟବ୍ୟାପି ସମସ୍ତ ମଣ୍ଡଳରେ ପ୍ରଶିକ୍ଷଣ ଶିବିର

ନୀଳଗିର,୧୬।୧୨ (ନି.ପ୍ର): ଭରତୀୟ ଜନତା ପାର୍ଟି ଓଡିଶା ପ୍ରଦେଶ ତରଫରୁ ରାଜ୍ୟ ବ୍ୟାପି ସମସ୍ତ ମଣ୍ଡଳରେ ପ୍ରଶିକ୍ଷଣ ଶିବିର ଅଯୋଜନ ହେଉଥିବା ସମୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ନିର୍ବାଚନ ମଣ୍ଡଳୀର ପଂଚୁଲିଙ୍ଗେଶ୍ୱର ମଣ୍ଡଳରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ , କେନ୍ଦ୍ର ମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସହାୟତ ଚନ୍ଦ୍ରବିନ୍ଦୁ ଦାସ, ମଣ୍ଡଳ ସଭାପତି ଅଭୟ ମିଶ୍ର, ଜିଲ୍ଲା ପ୍ରଶିକ୍ଷଣ ସଂଯୋଜକ ପର୍ଶୁରାମ ପରିଡା, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଶୁଭଙ୍କର ମହାପାତ୍ର , ସୁଶାନ୍ତ ବେରା ଏବଂ ମଣ୍ଡଳର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସାର୍ଥା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ବସ୍ତା,୧୬।୧୨(ନି.ପ୍ର.) : ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ସାର୍ଥା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ସମିତିର ପ୍ରଶାସକ ବସନ୍ତକୁମାର ପ୍ରଧାନ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବାହାବଳପୁର ଶାଖା ପରିଚାଳକ ପ୍ରାବନ କୁମାର କରଣ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ସମିତିର ଅଧୀନରେ ଥିବା ଚାଷୀମାନେ ସଠିକ ସମୟରେ ନିଜର ଟୋକନ ଦର୍ଶାଇ ଧାନବିକ୍ରି କରିବାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ। ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ଏହି ସମିତି ଅଧୀନରେ ୪୧୮ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ଟୋକନ୍ ମାଧ୍ୟମରେ ଏହି ଚାଷୀମାନଙ୍କ ଠାରୁ ଧାନ ଖରିଦ କରାଯିବ ଓ ଏଥି ନିମନ୍ତେ ଶଙ୍କର ଏଗ୍ରି ମିଲ୍ ଧାନ ଉଠାଣ କରିବ ବୋଲି ସମିତିର ସଂପାଦକ ସୂଚନା ଦେଇଛନ୍ତି।

ଅସହାୟା ମହିଳାଙ୍କୁ ଉଦ୍ଧାର କରି ସ୍ୱଧାର ଗୃହରେ ରଖିଲା ପ୍ରଶାସନ

ଭଦ୍ରକ,୧୬।୧୨ (ନି.ପ୍ର): ଭଦ୍ରକ ବ୍ଲକର ସାହାଡା ଲାଲାଜୀ ବଜାରରେ ବୁଲୁଥିବା ଜଣେ ଅସହାୟ ତଥା ନିରାଶ୍ରୟା ମହିଳାଙ୍କୁ ଆଜି ଉଦ୍ଧାର କରାଯାଇଛି। ମହିଳାଙ୍କ ଘର, ଠିକଣା ସମ୍ପର୍କରେ କାହାରିକୁ ଜଣାନାହିଁ। ମହିଳା ଜଣକ ଉକ୍ତ ବଜାରରେ ଦୋକାନ ବାରଣ୍ଡାରେ ରାତ୍ରିଯାପନ କରୁଥିଲେ। କେତେକ ଅସାମାଜିକ ଉକ୍ତ ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଆଇନଜୀବୀ କିଶୋର କୁମାର ନାୟକ ଜିଲ୍ଲା ପ୍ରଶାସନକୁ ଟୁଇଟ ଯୋଗେ ଜଣାଇବା ପରେ ଏହା ଗଣମାଧ୍ୟମର ଦୃଷ୍ଟିକୁ ଆସିଥିଲା। ଆଜି ଭଦ୍ରକ ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ପହଞ୍ଚି ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଫେଲୋସିପ୍ ଦ୍ୱାରା ପରିଚାଳିତ ସ୍ୱଧାର ଗୃହରେ ରଖାଯାଇଛି। ତାଙ୍କୁ ସଂଗଠନ ପକ୍ଷରୁ ପଚରା ଉଚୁରା କରାଯାଉଥିବା ବେଳ ସେ ତାଙ୍କର ପରିଚୟ କହି ପାରୁ ନଥିବା ଜଣା ପଡିଛି।

୩୬ ଲିଟର ମହୁଲି ମଦ : ୩ ଗିରଫ

ନୀଳଗିରି,୧୬।୧୨ (ନି.ପ୍ର): ନୀଳଗିରି ଅବକାରି ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୬ଲିଟର ମହୁଲି ମଦ ଜବତ୍ କରିବା ସହିତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ଅଂଚଳର କଲ୍ୟାଣୀ ଗ୍ରାମର ପ୍ରଶାନ୍ତ ସିଂ (୨୯), ବରହମପୁର ଥାନା ଅର୍ନ୍ତଗତ ସ୍ୱୟମ୍ବରଡୁବା ଗ୍ରାମର ଲସା ସରେନ (୩୦) ଓ ଉକ୍ତ ଥାନା ଅର୍ନ୍ତଗତ ଗୁଡ଼ିବଣିଆ ଗ୍ରାମର ମୂଷା ଟୁଡୁ (୨୮) କୁ ଗିରଫ କରିଛନ୍ତି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗ ଓ.ଆଇ.ସି. ହରପ୍ରସାଦ ରଣା, ଏ.ଏସ.ଆଇ. ଜୟନ୍ତି ଆଚାର୍ଯ୍ୟ, କନେଷ୍ଟବଳ ଉର୍ମିଳା ବେହେରା,ଜୟ ମାଧବ ଦାସ ପଟ୍ଟନାୟକ, ବିଜୟ ମଲ୍ଲିକ, ହୃଷିକେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ପବିତ୍ର ପାଣିଗ୍ରାହୀ ପାଇଲେ ରାଜ୍ୟ ସାହିତ୍ୟ ଏକାଡ଼େମୀ ପୁରସ୍କାର

ଶୈଳେନ୍ଦ୍ର, ମନୀନ୍ଦ୍ର, ରବି ଓ ବ୍ରଜଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୬।୧୨ (ନି.ପ୍ର): କୋଭିଡ ନିୟମ ଅନୁସାରେ ବିଳମ୍ବରେ ହେଲେବି ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଶା ସାହିତ୍ୟ ଏକାଡ଼େମି ତରଫରୁ ୨୦୧୫ ଓ ୨୦୧୬ ଦ୍ୱିବର୍ଷର ପୁରସ୍କାର ଏବଂ ୨୦୧୯ର ସାରସ୍ୱତ ସ୍ୱମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭଦ୍ରକ ମାଟିର ସୁନାମଧନ୍ୟ ଜଣେ ଲେଖକ ସମ୍ମାନଜନକ ପୁରସ୍କାର ଓ ଚାରିଜଣ ସାରସ୍ୱତ ସମ୍ବର୍ଦ୍ଧନା ପାଇଥିବାରୁ ଜିଲ୍ଲାରେ ଲେଖକ ଓ ବୁଦ୍ଧିଜୀବୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବି.ଏନ୍.ଏମ୍.ଏ କଲେଜର ଇତିହାସ ବିଭାଗ ମୁଖ୍ୟ କଥାକାର ପବିତ୍ର ପାଣିଗ୍ରାହୀଙ୍କୁ ୨୦୧୫ମସିହା ପାଇଁ ଗଳ୍ପ ସଂକଳନ 'ଗପର ମୁହଁ' ନିମନ୍ତେ ପୁରସ୍କାର ସ୍ୱରୂପ ଦୁଇଲକ୍ଷ ଟଙ୍କା, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ ଯେ ସାହିତ୍ୟର ବିଭିନ୍ନ ବିଭାଗର ତାଙ୍କର ପ୍ରାୟ ଚାଳିଶଟି ପୁସ୍ତକ ସମେତ ୧୪ଟି ଗଳ୍ପ ସଂକଳନ ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିଛି। ପୂର୍ବରୁ ତାଙ୍କ ସାରସ୍ୱତ କୃତି ପାଇଁ ସେ କେତେକ ରାଜ୍ୟ ସ୍ତରୀୟ ପୁରସ୍କାର ଲାଭକରିଛନ୍ତି। ସେହିପରି ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ବିଶିଷ୍ଟ ବର୍ଷିୟାନ ସୃଜନ ସ୍ରଷ୍ଟା ଗାଳ୍ପିକ ଶୈଳେନ୍ଦ୍ର କୁମାର ମହାପାତ୍ର, ଶିଶୁ ସାହିତ୍ୟିକ ଡ. ମନିନ୍ଦ୍ର କୁମାର ମହାନ୍ତି, ଲେଖକ ରବି ମହାପାତ୍ର ଓ ରାଉରକେଲାରେ ଅବସ୍ଥାନ କରୁଥିବା ଭଦ୍ରକର ମୂଳ ବାସିନ୍ଦା ପ୍ରାବନ୍ଧିକ ବ୍ରଜ ଦାସଙ୍କୁ ୨୦୧୯ ମସିହାର ସାସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସ୍ୱରୂପ ପ୍ରତ୍ୟେକଙ୍କୁ ଏକଲକ୍ଷ ଟଙ୍କା, ଅଙ୍ଗବସ୍ତ୍ର ଓ ମାନପତ୍ର ଦିଆଯାଇଛି। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏକାଡେମୀର ଯଶସ୍ୱୀ କବି ଡ. ହରିହର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ କବି ରଂଜନ କୁମାର ଦାସ ଓ ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଏମାନଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

କଥା ରଖିଲେ ମୁଖ୍ୟମନ୍ତ୍ରୀ : ୨ୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ

ବାରିପଦା,୧୬।୧୨ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ପରିଚିତ ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିରର ସୌନ୍ଦର୍ଯ୍ୟ କରଣ ପାଇଁ ବିଗତ ଦିନରେ ବାରିପଦା ବାଙ୍କିଶୋଳ କୋଭିଡ ହସପିଟାଲ ଉଦଘାଟନୀ ସ